READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୩ ସଂଖ୍ୟା-୧୪ ୧୫ - ୨୧ ଏପ୍ରିଲ, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-14 15th - 21st APRIL, 2019 BHUBANESWAR ₹ 5/- (8 Pages)

### ବଡ ବଡ ଖବରକାଗଜରେ ଦଳୀୟ ବିଜ୍ଞାପନ

# କ୍ଷୁଦ୍ର, ମଧ୍ୟମ ଓ ସାପ୍ତାହିକ ନିରାଶ

**ଭୁବନେଶ୍ୱର :** ୨୦୧୯ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳମାନେ ଖବରକାଗଜରେ ବିଜ୍ଞାପନ ପ୍ରକାଶ କଲେ ଏଥିରୁ କିଛି ଅର୍ଥ ମିଳିବ ବୋଲି ଆଶା ବାନ୍ଧିଥିବା ରାଜ୍ୟର କ୍ଷୁଦ୍ର, ମଧ୍ୟମ ଓ ସାପ୍ତାହିକ ଖବରକାଗଜ ଗୁଡିକ ନିରାଶ ହୋଇଛନ୍ତି। ନିୟମିତ ଏବଂ ନିରପେକ୍ଷ ଖବର ପ୍ରସାରଣ କରୁଥିବା ଖବରକାଗଜ ଗୁଡିକ ପ୍ରତି ରାଜ୍ୟର କୌଣସି ରାଜନୈତିକ ଦଳର ଦରଦ ନଥିବା ସ୍ପଷ୍ଟ ଜଣାପଡୁଛି। ଡିଏଭିପି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅନୁମୋଦିତ ଥିବା ଖବରକାଗଜ ଗୁଡିକ ବର୍ଷ ତମାମ ସରକାରୀ ବିଜ୍ଞାପନ ପାଉଥିଲା ବେଳେ ବିନା ଅନୁମୋଦିତ ଖବରକାଗଜ ଗୁଡିକ ଏଥିରୁ ବଞ୍ଚିତ ହୋଇଥାନ୍ତି। ଅଥଚ ଏହି ସମସ୍ତ ଖବରକାଗଜ ସମାଜର ସବୁ ବର୍ଗର ଲୋକଙ୍କ ସମସ୍ୟାକୁ ପ୍ରଚାର ପ୍ରସାର କରିବା ସହିତ ସରକାରୀ ଯୋଜନା ଏବଂ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ଖବର ପ୍ରକାଶ କରିଥାନ୍ତି। ଅଥଚ କ୍ଷୁଦ୍ର, ମଧ୍ୟମ ଓ ସାପ୍ତାହିକ ଖବରକାଗଜ ଗୁଡିକ କିଭଳି ଅବସ୍ଥା ଦେଇ ଗତି କରୁଛନ୍ତି ତାହା କେହି ବୋଧେ ବିଚାରକୁ ନିଅନ୍ତି ନାହିଁ। ଯେଉଁଥିପାଇଁ ତେଲିଆ ମୁଣ୍ଡରେ ତେଲ ନ୍ୟାୟରେ ସରକାରୀ ହେଉ କିମ୍ବା ଘରୋଇ ବିଜ୍ଞାପନ ଗୁଡିକ କର୍ପୋରେଟ୍ ହାଉସ ତଥା ବଡ ବଡ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶ ପାଉଥିବା ଖବରକାଗଜକୁ ଯାଇଥାଏ। କିନ୍ତୁ ଛୋଟ ଛୋଟ କାଗଜ ଉପରେ ନିର୍ଭର କରୁଥିବା ଓଡ଼ିଶାର ବହୁ ଲେଖକ, ସାମ୍ବାଦିକ, କର୍ମଚାରୀ ଏବଂ ପରିଚାଳନା ସଂସ୍ଥା ଯେତେ ଉଦ୍ୟମ କଲେ ବି ବିଜ୍ଞାପନ ପାଇବାରୁ ବଞ୍ଚିତ ହୁଅନ୍ତି। କାଁ ଭାଁ କେତେବେଳେ ବିଭିନ୍ନ ପର୍ବପର୍ବାଣୀ ସମୟରେ କିଛି କିଛି ଅନୁଷ୍ଠାନ ସ୍ୱଳ୍ପ ମୂଲ୍ୟର ବିଜ୍ଞାପନ ଦେଇଥାନ୍ତି। ଯାହାକି ସମୁଦ୍ରକୁ ଶଙ୍ଖେ ଭଳି। ଯେଉଁମାନେ ଏଭଳି ବୃତ୍ତିରେ ରହି ସମାଜର ବିକାଶ ପାଇଁ ଶ୍ରମ ଓ ସମୟ ଦେଉଛନ୍ତି ସେମାନଙ୍କ ପ୍ରତି କେନ୍ଦ୍ର ସରକାର ହୁଅନ୍ତୁ ବା ରାଜ୍ୟ ସରକାରଙ୍କର କ'ଣ କୌଣସି କର୍ତ୍ତବ୍ୟ ନାହିଁ। ଏମାନେ ତଥା ଏମାନଙ୍କ ପରିବାରର ସଦସ୍ୟ କ'ଣ ଏ ଦେଶର ନାଗରିକ ନୁହଁନ୍ତି ବା ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ସମାନ ସୁବିଧା



ସୁଯୋଗ ପାଇବାର ହକ୍‌ଦାର ନୁହଁନ୍ତି ? ସାମ୍ବାଦିକଙ୍କ କଲ୍ୟାଣ ପାଇଁ ବିଭିନ୍ନ ସଂଗଠନ ଥିଲେ ବି ଏଭଳି ଛୋଟ ଛୋଟ ଖବରକାଗଜ ପ୍ରକାଶ କରୁଥିବା ଅନୁଷ୍ଠାନ ପ୍ରତି ସମସ୍ତେ ଆଖି ବୁଜିଦେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଆଇନର କାଠଗଡା ଭିତରେ ଥାଇ ସମ୍ପୃକ୍ତ ଖବରକାଗଜମାନେ ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବାର ଯେଉଁ ଉଦ୍ୟମ କରୁଛନ୍ତି ତାହା ବିଧି ବ୍ୟବସ୍ଥା ଭିତରେ ହୋଇଥିଲେ ବି ସେମାନଙ୍କ ସମସ୍ୟା ବୁଝିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ ରାଜ୍ୟରେ ସହସ୍ରାଧିକ ଏଭଳି ଖବରକାଗଜ ଦୁର୍ଦ୍ଦିନରେ ଗତି କରୁଛନ୍ତି। ଆଶାଥିଲା ଆମର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଏ ଦିଗରେ ଧ୍ୟାନ ଦେବେ। ସରକାରୀ ନହେଲେ ବି ଦଳୀୟ ଭିତ୍ତିରେ କିଛି କିଛି ବିଜ୍ଞାପନ ଦେଇ ଏ ସମସ୍ତ ଖବରକାଗଜକୁ ବଞ୍ଚାଇ ରଖିବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଯାଇଥିଲେ ବି କ୍ଷୁଦ୍ର, ମଧ୍ୟମ ଓ ସାପ୍ତାହିକ ଖବରକାଗଜ ଗୁଡିକ ନିର୍ବାଚନୀ ବିଜ୍ଞାପନ ନ ପାଇ ହତାସ ହୋଇପଡିଛନ୍ତି। ଯେଉଁମାନେ ଏହି ବୃତ୍ତିରେ ନିୟୋଜିତ ଅଛନ୍ତି ଏବଂ ସେମାନଙ୍କ ପରିବାର ପାଇଁ ଏହା ପେଟ ପୋଷିବାର ଏକ ମୁଖ୍ୟ ମାଧ୍ୟମ ସେମାନଙ୍କ ବିଷୟରେ ସରକାର ଚିନ୍ତା କରିବା ଉଚିତ୍। ଯାହାଫଳରେ ଏଭଳି ବୃତ୍ତି ସହିତ ଜଡିତ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା କିଛି ମାତ୍ରାରେ କମିପାରିବ। ମାତ୍ର ବର୍ତ୍ତମାନ ଯାହା ଦେଖାଯାଉଛି କିଛି ନିର୍ଦ୍ଦିଷ୍ଟ ସମ୍ବାଦ ପତ୍ରରେ ପୃଷ୍ଠା ପରେ ପୃଷ୍ଠା ରଙ୍ଗୀନ ବିଜ୍ଞାପନ ପ୍ରକାଶ ପାଉଥିଲା ବେଳେ ଛୋଟ କାଗଜକୁ କାଣି ପଇସାଟିଏ ମିଳୁନାହିଁ। ଯଦିଓ କିଛି ନିର୍ବାଚନୀ କଟକଣା ରହିଛି ତଥାପି ଏମିତି ଅବସ୍ଥାରେ ଓଡ଼ିଶାର ସହସ୍ରାଧିକ କ୍ଷୁଦ୍ର, ମଧ୍ୟମ ଓ ସାପ୍ତାହିକ ଖବରକାଗଜ ଗୁଡିକ ବଞ୍ଚିବେ କେମିତି ?



### ନୂଆ ମୋଡ ନେଲା ରାଫେଲ ମାମଲା

# ପ୍ରଘଟ ଦସ୍ତାବିଜ୍ ଆଧାରରେ ହେବ ଶୁଣାଣି

**ନୂଆଦିଲ୍ଲୀ :** ବହୁ ଚର୍ଚ୍ଚିତ ରାଫେଲ ମାମଲା ଏବେ ନୂଆମୋଡ ନେଇଛି। ରାଫେଲ କାରବାର ସମ୍ବନ୍ଧୀୟ ପ୍ରଘଟ ଦସ୍ତାବିଜ୍ ଆଧାରରେ ଏହି ଦୁର୍ନୀତି ସମ୍ପର୍କିତ ସମୀକ୍ଷା ମାମଲାର ଶୁଣାଣି ଉପରେ କେନ୍ଦ୍ରର ଆପତ୍ତିକୁ ଗତ ବୁଧବାର ଖାରଜ କରି ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ଏଥିସହିତ ଶୁଣାଣି ବେଳେ ଏହି ଦସ୍ତାବିଜ୍ ଗୁଡିକୁ ପ୍ରମାଣ ଭାବରେ ବ୍ୟବହାର କରିବା ନେଇ ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ପୀଠ ସର୍ବସମ୍ମତି କ୍ରମେ ଅନୁମତି ଦେଇଛନ୍ତି। ପ୍ରଘଟ ଦସ୍ତାବିଜ୍ ଭିତ୍ତିରେ ସମୀକ୍ଷା ଆବେଦନ ଉପରେ ଶୁଣାଣି କରାଯିବ ଶୁଣାଣି ବେଳେ ଖଣ୍ଡପୀଠ ରାଫେଲ ମୂଲ୍ୟ ସମ୍ବନ୍ଧୀୟ ପ୍ରଶ୍ନ ସମେତ ରାଫେଲ ନିର୍ମାଣକାରୀ ଫ୍ରାନ୍ସ କମ୍ପାନୀ ଡାସଲ୍ଟ ଆଭିଏସନର ଭାରତୀୟ ଅଫ୍‌ସେଟ୍ ଅଂଶୀଦାର ମନୋନୟନ ପ୍ରକ୍ରିୟାକୁ ମଧ ବିଚାରକୁ ନିଆଯିବ ବୋଲି ସୁପ୍ରିମ୍‌କୋର୍ଟଙ୍କ ଏହି ରାୟରୁ ସ୍ପଷ୍ଟ ହୋଇଛି। ଶୁଣାଣି ପାଇଁ ସୁପ୍ରିମ୍‌କୋର୍ଟ ନୂତନ ତାରିଖ ଘୋଷଣା କରିବେ। ଉଲ୍ଲେଖଯୋଗ୍ୟ, ରାଫେଲ କାରବାର ସମ୍ବନ୍ଧୀୟ ସମସ୍ତ ଆବେଦନ ରଦ୍ଦ କରିବା ନେଇ ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମ୍‌କୋର୍ଟ ଦେଇଥିବା ରାୟ ବିରୋଧରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୋବନ୍ତ ସିହ୍ନା, ଅରୁଣ ସୌରୀ ଏବଂ ବରିଷ୍ଠ



ଆଇନଜୀବୀ ତଥା ସାମାଜିକ କର୍ମୀ ପ୍ରଶାନ୍ତ ଭୂଷଣ ଏହି ସମୀକ୍ଷା ଆବେଦନ କରିଥିଲେ। 'ଦି ହିନ୍ଦୁ'ରେ ପ୍ରକାଶିତ ରାଫେଲ କାରବାର ସମ୍ବନ୍ଧୀୟ କେତେକ କାଗଜପତ୍ରକୁ ଏହି ଆବେଦନରେ ସଂଲଗ୍ନ କରାଯାଇଥିଲା, ମାତ୍ର ଆବେଦନକାରୀମାନେ ସେମାନଙ୍କ ସମୀକ୍ଷା ଆବେଦନକୁ ଅଧିକ ମଜଭୁତ କରିବା ଲାଗି ବିଶେଷାଧିକାର ସମ୍ବଳିତ ଗୋପନୀୟ ଦସ୍ତାବିଜ୍ ଗୁଡିକ ବେଆଇନ ଢଙ୍ଗରେ ଉପସ୍ଥାପିତ କରିଛନ୍ତି ବୋଲି ଯୁକ୍ତି ବାଢ଼ିଥିଲେ କେନ୍ଦ୍ର ସରକାର। କେନ୍ଦ୍ର ସରକାର ଦର୍ଶାଇଥିଲେ ଯେ, ରାଷ୍ଟ୍ରୀୟ ସୁରକ୍ଷା ସହିତ ଜଡିତ ଏହି ଦସ୍ତାବିଜ୍ ସରକାରୀ ଗୋପନୀୟତା ଆଇନ ଅନୁଯାୟୀ ଗୋପନୀୟ ହୋଇଥିବାରୁ କୌଣସି ବ୍ୟକ୍ତି ତାହାକୁ ବିନା ଅନୁମତିରେ କୋର୍ଟରେ ଉପସ୍ଥାପନ କରିପାରିବେ ନାହିଁ। ସେଗୁଡିକର ଧାରା ୮(୧)(ଏ) ଅନୁସାରେ ସୂଚନା ଅଧିକାର ଆଇନ ବର୍ହିଭୁତ। ଏପରିକି ଭାରତୀୟ ପ୍ରମାଣ ଆଇନ ଧାରା ୧୨୩ ଅନୁସାରେ ➤ ପୃ-୬

### ଇଭିଏମ୍‌ରେ ନେତାଙ୍କ ଭାଗ୍ୟ



**ଭୁବନେଶ୍ୱର :** ଦେଶର ୧୮ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଛି। ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ କ୍ଷେତ୍ର ସହ ୨୮ଟି ବିଧାନସଭା ଆସନରେ

#### ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ

ମତଦାନ ଶେଷ ହୋଇଛି। କାଁ ଭାଁ ଛୋଟ ମୋଟ ଘଟଣାକୁ ବାଦ୍ ଦେଲେ ମତଦାନ ଶାନ୍ତିପୂର୍ଣ୍ଣ ଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି। କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଦେଖାଦେବାରୁ ମତଦାନ ବିଳମ୍ବ ହୋଇଥିଲା। ମାଲକାନଗିରି ଜିଲ୍ଲା ମାଥିଲିର ୬ଟି ଓ କୁନ୍ତୁରୁପଦରର ୯ଟି ଏହିପରି ୧୫ଟି ବୁଥରେ ମାଓବାଦୀଙ୍କ ଭୟରେ ମତଦାତା ଭୋଟ ଦେବାକୁ ଆସି ନଥିଲେ। ତେବେ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ବିଚ୍ଛିନ୍ନାଞ୍ଚଳବାସୀ ପ୍ରଥମଥର ପାଇଁ ଭୋଟ ଦେଇଛନ୍ତି। କଳାହାଣ୍ଡି ଜିଲ୍ଲାର ଚାରୋଟି ଗ୍ରାମର ଭୋଟର ଗାଁକୁ ରାସ୍ତା ନଥିବା କାରଣ ଦର୍ଶାଇ ଭୋଟ ବର୍ଜନ କରିଥିଲେ। ଯେଉଁ ଜାଗାରେ ମତଦାତା ନିଜ ଇଚ୍ଛାରେ ଭୋଟ ଦେଇନାହାନ୍ତି ସେସବୁ ସ୍ଥାନରେ ପୁନର୍ବାର ଭୋଟ ଗ୍ରହଣ କରାହେବ ନାହିଁ ବୋଲି କହିଛନ୍ତି ➤ ପୃ-୬

# ପ୍ରତିଶ୍ରୁତିର ପାହାଡ ଉପରେ ନେତା, ତଳେ ଭୋଟର

### କେତେ ପୂରଣ ହୁଏ ନିର୍ବାଚନୀ ଇସ୍ତାହାର



**ଭୁବନେଶ୍ୱର, (ତାରକ ମହାନ୍ତି) :** ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଏଥିରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ଆସନ ସମେତ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଭୁକ୍ତ ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟରମାନେ ମତଦାନ ସାବ୍ୟସ୍ତ କରିସାରିଛନ୍ତି। ତେବେ ଚଳିତଥର ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ଉତ୍ଥାନ ପରେ ଶାସକ ବିଜୁ ଜନତା ଦଳକୁ କିଛି ମାତ୍ରାରେ ଚିନ୍ତାଗ୍ରସ୍ତ କରିଛି। କାରଣ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଦଳର ବହୁ ତୁଙ୍ଗ ନେତାଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଭଳି ଢଙ୍ଗରେ ଏଠାରେ ସଙ୍କଳ୍ପ ସମାବେଶ କରି ଓଡ଼ିଶାର ଲୋକମାନଙ୍କୁ ବିକାଶ ପାଇଁ ନୂଆ ନୂଆ ମନ୍ତ୍ର ଦେଉଛନ୍ତି ତାହା ଉଲ୍ଲେଖଯୋଗ୍ୟ। ସେହିଭଳି ଜାତୀୟ କଂଗ୍ରେସରେ ରାହୁଲ ଗାନ୍ଧିଙ୍କ ଆବିର୍ଭାବ ପରେ ଓଡ଼ିଶାରେ କଂଗ୍ରେସ ମଧ କିଛି ପରିମାଣରେ ଆଶା ବାନ୍ଧିଛି ଯେ, ଦଳ ଏଠାରେ ଭଲ କରିବ। ଏଥିରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଅସଜଡା ଦଳକୁ ସଜାଡି ନୂଆ ପ୍ରାର୍ଥୀଙ୍କୁ ସୁଯୋଗ ଦେଇଛନ୍ତି। ହେଲେ ଦୀର୍ଘ ୧୯ ବର୍ଷ ହେଲା ରାଜ୍ୟର ଶାସନ କ୍ଷମତାରେ ଥିବା ବିଜୁ ଜନତା ଦଳ ତଥା ଏହାର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ନିର୍ବାଚନରେ ଯେଭଳି ନୂଆ ଅନ୍ଦାଜରେ ଦୃଷ୍ଟିଗୋଚର ହେଉଛନ୍ତି ତାହା ଭୋଟରମାନଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ନିଜର ଫିଟ୍‌ନେସ୍‌କୁ ହେଉ କିମ୍ବା ନିର୍ବାଚନ ପ୍ରଚାର ବେଳେ ନୂଆ ଢଙ୍ଗରେ ରୋଡ ସୋ' କରି ନବୀନ ଲୋକଙ୍କ ଅଧିକ ପ୍ରିୟପାତ୍ର ହେବାକୁ ଚେଷ୍ଟା ଚଳାଇଛନ୍ତି। ନିର୍ବାଚନ ଇସ୍ତାହାର ପ୍ରକାଶ କରିବା କ୍ଷେତ୍ରରେ ଜାତୀୟ ଦଳମାନଙ୍କ ଅପେକ୍ଷା ବିଜେଡି ମହିଳାମାନଙ୍କୁ ଅଧିକ ଗୁରୁତ୍ୱ ଦେଇ ନିର୍ବାଚନ ବୈତରଣୀ ପାର କରି ଇତିହାସ ରଚିବା ଚିନ୍ତାରେ ରହିଛି। ଯଦିଓ ବିଜେପି ନିକଟରେ ତା'ର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି ଏଥିରେ କିଛି ପୁରୁଣା ପ୍ରତିଶ୍ରୁତିକୁ ଦୋହରା ଯାଇଥିବା ଜଣାପଡିଛି। ଏହାରି ମଧ୍ୟରେ ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ପ୍ରତ୍ୟାହାର ଓ ୩୫-କ ଉଚ୍ଛେଦ ସହ ରାମ ମନ୍ଦିର ନିର୍ମାଣର ପ୍ରତିଶ୍ରୁତି ରହିଛି। ସେହିଭଳି କଂଗ୍ରେସ ଇସ୍ତାହାରରେ କୃଷକଙ୍କ ପାଇଁ ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା, ୨୦୩୦ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ଗରିବୀ ହଟାଇବା ଓ ନ୍ୟୁନତନ ଆୟ ନିଶ୍ଚିତ ଯୋଜନାକୁ ଗୁରୁତ୍ୱ ଦେଇଛି। ବିଜେପି କିନ୍ତୁ ୨୦୨୦ ସୁଦ୍ଧା କୃଷକଙ୍କ ଆୟକୁ ଦୁଇଗୁଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛି। ନୂତନ କର୍ମନିଯୁକ୍ତ କ୍ଷେତ୍ରରେ ଉଭୟ ବିଜେପି ଓ କଂଗ୍ରେସ ଇସ୍ତାହାରରେ ଗୁରୁତ୍ୱ ଦେଇଥିବା ବେଳେ ଆଞ୍ଚଳିକ ଦଳ ଭାବେ ବିଜେଡି ମଧ ଏଥିରେ ପଛରେ ପଡିନାହିଁ। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତ ନିର୍ବାଚନରେ ପୂର୍ବରୁ ବିଜେଡି ସୁପ୍ରିମୋ ୩୩% ମହିଳାଙ୍କ ପାଇଁ ସଂରକ୍ଷଣ କଥା ଉଠାଇ ଜାତୀୟ ରାଜନୀତିରେ ଯେଭଳି ଚର୍ଚ୍ଚିତ ହୋଇଛନ୍ତି ସେହିଭଳି ସବୁ ଝିଅଙ୍କୁ ମାଗଣା ଶିକ୍ଷା ଘୋଷଣା କରି ମହିଳା ସଶକ୍ତିକରଣର ଏକ ନୂଆ ବାର୍ତ୍ତା ଦେଇଛନ୍ତି। ଏଥିସହିତ ମିଶନ ଶକ୍ତି ମହିଳାଙ୍କୁ ବାର୍ଷିକ ୫ ହଜାର କୋଟିର କାମ, ଗରିବ ଝିଅଙ୍କ ବିବାହ ସମୟରେ ୨୫ ହଜାର ସହାୟତା, ମହିଳାଙ୍କ ସ୍ୱାସ୍ଥ୍ୟବୀମା ରାଶିକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ଘୋଷଣା କରିଛନ୍ତି ନବୀନ। ବିଜେପି କିନ୍ତୁ ୬୦ବର୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପେନ୍‌ସନ ଓ ଦେଢ଼ବର୍ଷ ପର୍ଯ୍ୟନ୍ତ କୃଷକଙ୍କୁ ବିନା ସୁଧରେ ଋଣ ଭଳି ପ୍ରତିଶ୍ରୁତି ଦେଇ ଓଡ଼ିଶା ଭୋଟରଙ୍କ ମନରେ ବିଜେପି ପ୍ରତି ବିଶ୍ୱାସ ଜନ୍ମାଇବା ଲାଗି ଉଦ୍ୟମ କରିଛି। କିନ୍ତୁ ଏଥର ନିର୍ବାଚନରେ ସବୁ ରାଜନୈତିକ ଦଳମାନଙ୍କ ଫୋକସରେ ରହିଛି କୃଷି ଓ କୃଷକ। ଜାତୀୟ ଦଳମାନଙ୍କ ସହ ବଳ କଷିବାକୁ ଯାଇ ଆଞ୍ଚଳିକ ଦଳ ଭାବେ ବିଜେଡି ଯେ ପଛୁଆ ପଡିଛି ଏକଥା କେହି କହିପାରିବେ ନାହିଁ। କାରଣ ବିକାଶ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ପରିପ୍ରେକ୍ଷୀରେ ଦେଇଥିବା ଭାଷଣରେ ଡବଲ ➤ ପୃ-୬

### ବକ୍ରବାଣୀ



ଭୋଅଟ ହଉଚି ଆମ ଗାଁଆରେ
ନେତା ବୁଲୁଛନ୍ତି ଖରା ତରାରେ
ଦି'ହାତ ଯୋଡିକି ଭୋଟ ମାଗନ୍ତି
ଜିତିଲେ ସରଗ ଦେବେ କୁହନ୍ତି
ଭରସା ପୁଳାଏ ଦେଇ ଥାଆନ୍ତି
ଭୋଟ ପରେ ସବୁ ଭୁଲି ଯାଆନ୍ତି
ଦେଖା ମିଳେ ନାହିଁ ଆଉ ତାଙ୍କର
ଆମକୁ ଭାବନ୍ତି କିଣା ଚାକର
ପାଞ୍ଚ ବର୍ଷ ପରେ ପୁଣି ଆସନ୍ତି
ନୂଆ ସ୍ୱପ୍ନ ପୁଣି କେତେ ଦେଖାନ୍ତି।

——— ଟୁଟୁ

# ନବୀନଙ୍କୁ ବାହାର କରିବାକୁ ପଡିବ: ଶାହା

**ଭୁବନେଶ୍ୱର :** ଦେଶରେ ସବୁଠାରେ ମୋଦୀ ଲହର ଚାଲିଛି । ଓଡିଶାରୁ ଗୁଜୁରାଟ ଯାଏଁ ମୋଦୀ ନାରା ଶୁଣା ଯାଉଛି । ଦେଶର ଜନତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୁଣି ନିର୍ବାଚିତ କରିବାକୁ ଚାହୁଁଛନ୍ତି । ୭୦ ବର୍ଷ ଧରି କଂଗ୍ରେସ ଶାସନ କଲା କିନ୍ତୁ ଗରିବ ହଟିଲାଟି । ୫ ବର୍ଷର ମୋଦୀ ସରକାର ବହୁତ କାମ କରିଛନ୍ତି । ଓଡିଶାରେ ନବୀନଙ୍କୁ ବାହାର କରିବାକୁ ପଡିବ ବୋଲି କେନ୍ଦୁଝର ଠାରେ ବିଜୟ ସଂକଳ୍ପ ସମାବେଶରେ କହିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହା। ଶ୍ରୀ ଶାହା କହିଛନ୍ତି ଯେ, ଓଡିଶା ଭାଷା ଭିତିରେ ରାଜ୍ୟ ଗଠନ ହୋଇଥିଲେ ମଧ ନବୀନ ବାବୁ ୧୯ ବର୍ଷ ଶାସନ କରି ମଧ୍ୟ ଓଡିଆରେ କଥା ହୋଇପାରଲେ ନାହିଁ । ରାଜ୍ୟରେ ଏମିତି ମୁଖ୍ୟମନ୍ତ୍ରୀ ଦରକାର ଯେ ଓଡିଆରେ କଥା



ହୋଇପାରିବ ଏବଂ ସାଧାରଣ ଲୋକଙ୍କ କଥା ବୁଝିପାରିବ । ଡବଲ ଇଂଜିନ ଲାଗିଲେ ରାଜ୍ୟରେ ବିକାଶ ହୋଇପାରିବ। ମୋଦୀ ସରକାର ଆସିବା ପରେ ଦେଶର ବିକାଶ ହେଲା । କେନ୍ଦୁଝରକୁ ଡିଏମଏଫ ଫଣ୍ଡରେ ୧୬୦୦ କୋଟି ଟଙ୍କା ମିଳିଛି । ଏଠାରେ ଥିବା ହସ୍ପିଟାଲ ମୋଦୀଙ୍କ ସହାୟତା ଅର୍ଥରେ ହୋଇଛି । ମୋଦୀ ଟଙ୍କା ପଠାଉଛନ୍ତି କିନ୍ତୁ ରାଜ୍ୟ ସରକାର ଏଠାରେ ସେହି ଅର୍ଥକୁ ବିନିଯୋଗ କରୁନାହାଁନ୍ତି । ମୋଦୀ ସରକାର ପୁଣି ଆସିଲେ ଏହି ମେଡିକାଲ କଲେଜରେ ଆଦିବାସୀ ଭାଇ ଭଉଣୀଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ଶ୍ରୀ ଶାହା କହିଛନ୍ତି । ଜାତୀୟ ରାଜପଥ ୨୧୫ ଏବଂ ୬କୁ ୪ ଲାଇନ କରାଯାଇଛି । ଏଠାରେ ପ୍ରଥମ ମାଲଗାଡି ଯାତ୍ରା କରଛି । ମୋଦୀ ପୁଣି ପ୍ରଧାନମନ୍ତ୍ରୀ ହେଲେ ଏଠାରେ ଷ୍ଟିଲପ୍ଲାଂଟ ପ୍ରତିଷ୍ଠା ହେବ । ଏଠାକାର ବନଜାତ ଦ୍ରବ୍ୟର ସମର୍ଥନ ମୂଲ୍ୟ ବିଜେପି ସରକାର ବୃଦ୍ଧି କରିଛି । ରାଜ୍ୟରେ ଆଇଆଇଏମ, ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ଗଢି ଉଠିଛି । ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ବୃଷ** ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ। ଗୃହରେ ଶାନ୍ତି ବଜାୟ ରହିବ।

**ମିଥୁନ** ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**କର୍କଟ** ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**ସିଂହ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**କନ୍ୟା** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ତୁଳା** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।


**ବିଛା** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**ଧନୁ** ପାରିବାରିକ କଳହରୁ ମୁକ୍ତି ମିଳିବ। ବୈବାହିକ ଜୀବନ ସୁଖମୟ ହେବ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଚାକିରିଆଙ୍କର ଦୂରସ୍ଥାନକୁ ବଦଳି ହୋଇପାରେ। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ।

**ମକର** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ସରକାରୀ ଚାକିରିଆଙ୍କୁ ଲାଭ ମିଳିପାରେ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ। ବ୍ୟବସାୟରେ ଅଚାନକ କିଛି ପରିବର୍ତ୍ତନ ଘଟିପାରେ।

**କୁମ୍ଭ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି। ମନରେ ରହିଥିବା ଅଭିଳାଷ ପୂର୍ଣ୍ଣ ହେବ।

**ମୀନ** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ମାସୁଦ୍ ପ୍ରସଙ୍ଗ: ଚୀନ୍ ଉପରେ ଚାପ ବଢ଼ୁଛି



**ଜାତିସଙ୍ଘ/ନୂଆଦିଲ୍ଲୀ :** ପାକିସ୍ତାନର ଆତଙ୍କୀ ସଂଗଠନ ଜୈଶ-ଇ-ମହମ୍ମଦ ମୁଖ୍ୟ ମାସୁଦ୍ ଆଝାରକୁ ଅନ୍ତର୍ଜାତୀୟ ଆତଙ୍କବାଦୀ ତାଲିକାରେ ଅନ୍ତର୍ଭୁକ୍ତ କରି ଏହାକୁ ବ୍ୟାନ୍ କରିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦରେ ଚାଲିଥିବା ଅଭିଯାନ ଅଧିକ ଦୃଢ଼ୀଭୂତ ହେବାରେ ଲାଗିଛି। ମାସୁଦ୍‌କୁ ବ୍ୟାନ୍ କରିବା ଲାଗି ସୁରକ୍ଷା ପରିଷଦରେ ପ୍ରସ୍ତାବ ଆଣିଥିବା ଆମେରିକା, ବ୍ରିଟେନ ଓ ଫ୍ରାନ୍ସ ଚୀନ୍‌କୁ ଚେତାବନୀ ଦେଇ ୧୨୬୭ କଟକଣା କମିଟିରେ ଆଣିଥିବା ରୋକ୍ ହଟାଇବାକୁ କହିଛନ୍ତି। ନଚେତ୍ ସୁରକ୍ଷା ପରିଷଦରେ ଖୁବ୍ ଅଳ୍ପଦିନ ମଧ୍ୟରେ ପୁନର୍ବାର ଏଭଳି ପ୍ରସ୍ତାବ ଅଣାଯିବ ବୋଲି ଏହି ୩ ପ୍ରମୁଖ ସଦସ୍ୟ ଚୀନ୍‌କୁ ରୋକ୍‌ଠୋକ୍ କହିଛନ୍ତି। ଚୀନ୍‌କୁ ପ୍ରବର୍ତ୍ତାଇବା ପାଇଁ ଉଦ୍ୟମ ଜାରି ରହିଥିଲା ବେଳେ ଏପ୍ରିଲ ୨୩ ସୁଦ୍ଧା ବେଜିଂ ଏହି ରୋକ୍ ହଟାଇବ ବୋଲି ଆପାତତଃ ସ୍ଥିର ହୋଇଛି। ସୁରକ୍ଷା ପରିଷଦରେ ଏହି ସମାନ୍ତରାଳ ପ୍ରସ୍ତାବର ନକଲ ଅଣଆନୁଷ୍ଠାନିକ ଭାବେ ୧୫ ସଦସ୍ୟଙ୍କୁ ପ୍ରଦାନ କରାଯାଇଛି। କିନ୍ତୁ ସରକାରୀ ଭାବେ ଏହି ପ୍ରସ୍ତାବ ଆଗତ କରାଯାଇ ନାହିଁ। ଏଥିପୂର୍ବରୁ ଜାତିସଂଘରେ ଆମେରିକା ଆଣିଥିବା ପ୍ରସ୍ତାବକୁ ଚୀନ୍ ଗଠନମୂଳକ ନୁହେଁ ବୋଲି ଦର୍ଶାଇଥିଲା। ଏହା ଏକ ଖରାପ ପରମ୍ପରା ସୃଷ୍ଟି କରୁଛି ବୋଲି କହିଥିଲା। ମାସୁଦ୍‌କୁ ଚେକ୍ ଦେବାପାଇଁ ତା'ର ବିଦେଶ ଯାତ୍ରା ଉପରେ କଟକଣା ଲାଗୁ କରାଯିବା ସହ ତା'ର ସମ୍ପତ୍ତି ଜବତ କରାଯିବା ନିହାତି ଦରକାର ପଡୁଛି। ଉଲ୍ଲେଖଯୋଗ୍ୟ ଯେ, ଫେବୃଆରୀ ୧୪ରେ ପୁଲଓ୍ୱାମାରେ ଜୈଶ-ଇ-ମହମ୍ମଦର ହମ୍‌ଲା ପରେ ଆମେରିକା ଓ ଫ୍ରାନ୍ସ ମାସୁଦ୍‌କୁ ବ୍ୟାନ୍ କରିବା ପାଇଁ ସୁରକ୍ଷା ପରିଷଦରେ ସାନି ପ୍ରସ୍ତାବ ଆଣିଥିଲେ। କିନ୍ତୁ ଚୀନ୍ ୪ର୍ଥ ଥର ପାଇଁ ଭିଟୋ ପ୍ରୟୋଗ କରି ଏହି ପ୍ରସ୍ତାବକୁ ଅଟକାଇ ଦେଇଥିଲା। ଭାରତ ମାସୁଦ୍ ଆଝାରକୁ ବ୍ୟାନ୍ କରିବା ପାଇଁ କୂଟନୈତିକ ସ୍ତରରେ ଉଦ୍ୟମ ଜାରି ରଖିଛି। ଚୀନ୍ ଏଥିରେ ବାଧା ଦେଉଥିବାରୁ ଭାରତ ଏଥିରେ ଆପତ୍ତି ଉଠାଇବା ପରେ ବେଜିଂ ନୂଆଦିଲ୍ଲୀକୁ ସଫେଇଦେଇ କହିଛି ଯେ, ଏହି ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବା ଦରକାର।

# ମୋଦିଙ୍କୁ ରୁଷିଆର ସର୍ବୋଚ୍ଚ ନାଗରିକ ସମ୍ମାନ



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରୁଷିଆର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ 'ଦି ଅର୍ଡର ଅଫ୍ ସେଣ୍ଟ୍ ଆଣ୍ଡ୍ରିୟୁ ଦି ଆପଷ୍ଟଲ୍' ପ୍ରଦାନ କରାଯାଇଛି। ଦୁଇ ଦେଶର ସମ୍ପର୍କ ବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଦୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି ବୋଲି ରୁଷିଆ ଦୂତାବାସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିଦେଶରୁ ସମ୍ମାନ ମିଳିବାରେ ଏହା ହେଉଛି ୭ମ ପୁରସ୍କାର। ଏହି ନାଗରିକ ସମ୍ମାନରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦ୍‌ମିର୍ ପୁଟିନ୍‌ଙ୍କ ସ୍ୱାକ୍ଷର ରହିଛି। ସପ୍ତାହ ତଳେ ମୋଦୀଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଜାୟେଦ୍' ପ୍ରଦାନ କରାଯାଇଥିଲା। ଅନ୍ତର୍ଜାତୀୟ କ୍ଷେତ୍ରରେ ବିଶେଷ ଯୋଗଦାନ ଥିବା ବ୍ୟକ୍ତିତ୍ୱଙ୍କୁ ୟୁଏଇର ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ରୁଷିଆ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ସର୍ବୋଚ୍ଚ ନାଗରିକ ସମ୍ମାନ ସପ୍ତଦଶ ଶତାବ୍ଦୀରେ ଜାର୍ ପିଟର୍ ପ୍ରଥମଙ୍କ ସମୟରେ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ୧୯୧୭ରେ ଅକ୍ଟୋବର ବିପ୍ଳବ ପରେ ଏହି ସମ୍ମାନ ପ୍ରଦାନ ବନ୍ଦ କରି ଦିଆଯାଇ ଥିଲା। ତେବେ ୧୯୯୮ ଜୁଲାଇ ୧ରେ ତତ୍କାଳୀନ ରାଷ୍ଟ୍ରପତି ବୋରିସ୍ ୟେଲ୍‌ସିନ୍ ପୁନର୍ବାର ଏହି ସମ୍ମାନ ପ୍ରଦାନର ବ୍ୟବସ୍ଥା କରିଥିଲେ।

# ବିଜେପି ସରକାର ଆସିଲେ ଶାନ୍ତି ପ୍ରତିଷ୍ଠା ହେବ : ଇମ୍ରାନ୍

**ଇସ୍‌ଲାମାବାଦ :** ଭାରତର ସାଧାରଣ ନିର୍ବାଚନରେ ବିଜେପି ଜିତିଲେ, ଜମ୍ମୁ-କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠାର ସମ୍ଭାବନା ଅଛି ବୋଲି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ମତପ୍ରକାଶ କରିଛନ୍ତି। ଗୁରୁବାରଠାରୁ ଭାରତର ସାତପର୍ଯ୍ୟାୟ ସାଧାରଣ ନିର୍ବାଚନ ଆରମ୍ଭ ହେଉଛି। ଗୁରୁବାର ବଛା ବଛା ଗଣମାଧ୍ୟମ ପ୍ରତିନିଧିଙ୍କ ଗହଣରେ ଥିବାବେଳେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଏହି ମନ୍ତବ୍ୟ ଦେଇଛନ୍ତି। ତାଙ୍କ ମତରେ ବିଜେପିକୁ ଛାଡ଼ିଦେଲେ ଅନ୍ୟ ଦଳଗୁଡ଼ିକ ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ପଛକୁ ହଟି ଯାଉଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ଜମ୍ମୁ-କଶ୍ମୀର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ସମଗ୍ର ଜମ୍ମୁ-କଶ୍ମୀରକୁ ଭାରତର ଅଭିନ୍ନ ଅଙ୍ଗ ଦର୍ଶାଇ ପାକିସ୍ତାନ ସେଥିରୁ କିଛି ଅଂଶ ଜୋରଜବରଦସ୍ତ ମାଡ଼ିବସିଛି ବୋଲି ଭାରତ ସରକାର ଦାବି କରୁଛି। ଫେବୃଆରୀ ୧୪ରେ ଜୈଶ ଆତଙ୍କୀ କଶ୍ମୀରର ପୁଲଓ୍ୱାମା ଜିଲ୍ଲାରେ ସିଆରପିଏଫ୍ ବାହିନୀ ଉପରେ ହମ୍‌ଲା କରିବା ପରେ ଭାରତ ଓ ପାକିସ୍ତାନ ସମ୍ପର୍କ ଆହୁରି ଖରାପ ଆଡ଼କୁ ଗତି କରିଛି। ଭାରତୀୟ ବାୟୁସେନା ପାକିସ୍ତାନର ବାଲାକୋଟ୍ ଉପରେ ବୋମାମାଡ଼ କରି ଜୈଶ ଆତଙ୍କୀ ଆଡ୍ଡା ଧ୍ୱଂସ କରିବା ପରେ ପାକିସ୍ତାନ ବାୟୁସେନା ଭାରତର ମିଗ-୨୧କୁ ଖସାଇବା ଓ ପରେ ଭାରତୀୟ ପାଇଲଟ୍ ଅଭିନନ୍ଦନଙ୍କୁ ଗିରଫ କରିବା ପରି ଘଟଣା ଭାରତ-ପାକିସ୍ତାନ ସମ୍ପର୍କରେ ବିରାଟ ବ୍ୟବଧାନ ସୃଷ୍ଟି କରିଛି। ଇମ୍ରାନ୍ କହିଛନ୍ତି, 'ପାକିସ୍ତାନ ସରକାର ଆତଙ୍କୀ ସଂଗଠନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଦେଶରେ ଥିବା ସବୁ ଧାର୍ମିକ ବିଦ୍ୟାଳୟକୁ ପାକ୍ ସରକାର ହାତକୁ ନେଇଛନ୍ତି। ପାକିସ୍ତାନର ଭବିଷ୍ୟତ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ।'

# ଜାପାନ ଫାଇଟର ଜେଟ୍‌ର ସନ୍ଧାନ ମିଳିଲା



**ଟୋକିଓ :** ପ୍ରଶାନ୍ତ ମହାସାଗର ଉପରେ ରାଡାରରେ ଅଦୃଶ୍ୟ ହୋଇଯାଇଥିବା ଜାପାନ୍ ଫାଇଟର୍ ଜେଟ୍‌ର ସନ୍ଧାନ ମିଳିଛି ବୋଲି ଜାପାନ୍ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ତେବେ ଜେଟ୍‌ର ପାଇଲଟ୍‌ଙ୍କ ପତ୍ତା ମିଳୁନି କହି ପ୍ରତିରକ୍ଷା ମନ୍ତ୍ରୀ ତକେସି ଆଇଓ୍ୱାୟା ଚିନ୍ତାବ୍ୟକ୍ତ କରିଛନ୍ତି। ଜାପାନ ବାୟୁସେନା ଜାହାଜ ଓ ବିମାନ ଲଗାଇ ଜୋରଦାର ତଲାସି ଅଭିଯାନ କରି ଅବଶେଷରେ ଦୁର୍ଘଟଣାଗ୍ରସ୍ତ ଜେଟ୍‌ର ଲାଞ୍ଜ ପାଇଥିଲେ। ମଙ୍ଗଳବାର ସନ୍ଧ୍ୟା ସାଢ଼େ ସାତଟାରେ ଉତ୍ତର-ପୂର୍ବ ଜାପାନର ମିସାଓ୍ୱା ଉପରେ ଉଡ଼ାଣ କରୁଥିବା ସମୟରେ ଜେଟ୍‌ଟି ହଠାତ୍ ରାଡାର ବାହାରକୁ ଚାଲିଯାଇଥିବା ଲକ୍ଷ୍ୟ କରାଯାଇଥିଲା। ମିସାଓ୍ୱା ବାୟୁସେନା ଘାଟିରୁ ଏଫ୍-୩୫ଏ ସହିତ ଆହୁରି ତିନିଟି ଜେଟ୍ ଉଡ଼ାଣ ଅଭ୍ୟାସରେ ବାହାରିଥିଲା। ଅଧଘଣ୍ଟା ଧରି କୌଣସି ସୂଚନା ନ ମିଳିବାରୁ ଜେଟ୍‌ଟି ଦୁର୍ଘଟଣାର ଶିକାର ହୋଇଥିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଦୁର୍ଘଟଣାର କାରଣ ଜାଣିବାକୁ ଜାପାନ୍ ବାୟୁସେନା କମିଶନ ବସାଇବାକୁ ଘୋଷଣା କରିଛି। ଇତିମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଠିକାଦାର ଲକ୍‌ହିଡ୍ ମାର୍ଟିନ୍ ଫାଇଟର୍ ଜେଟ୍‌ର ବୈଷୟିକ ଜ୍ଞାନକୌଶଳ ଉପରେ ଦୃଢ଼ ନିଶ୍ଚିତ। ଲକ୍‌ହିଡ୍ କହିଛି, ଯେ କୌଣସି ପ୍ରତିକୂଳ ପରିସ୍ଥିତିର ସୂଚନା ପ୍ରଦାନ କରିବାକୁ ଏଫ୍-୩୫ଏ ଫାଇଟର୍ ସୁଦକ୍ଷ। ଜାପାନ ଯୁକ୍ତରାଷ୍ଟ୍ର ଆମେରିକାର ଲକ୍‌ହିଡ୍‌ଠାରୁ ପ୍ରତି ଏଫ୍-୩୫ଏ ଫାଇଟର୍ ଜେଟ୍‌କୁ ୯୦ ମିଲିୟନ୍ ଡଲାର ବିନିମୟରେ ୧୩ଟି କିଣିବାକୁ ରାଜିନାମା କରିଛି। ଜେଟ୍ ଉଡ଼ାଇବାରେ ପାଇଲଟ୍‌ଙ୍କ ଦକ୍ଷତା ଉପରେ ଆଶଙ୍କା ବ୍ୟକ୍ତ କରାଯାଇଛି। ଜାପାନର ବାୟୁସେନାକୁ ଶକ୍ତିଶାଳୀ ରୂପେ ଗଢ଼ି ତୋଳିବାକୁ ଯୁକ୍ତରାଷ୍ଟ୍ର ଆମେରିକା ସକ୍ରିୟ ଭୂମିକା ଗ୍ରହଣ କରିଛି। ଦୁର୍ଘଟଣାଗ୍ରସ୍ତ ଜେଟ୍ ଖୋଜିବାରେ ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିରକ୍ଷା ବାହିନୀ ଜାପାନକୁ ସାହାଯ୍ୟ କରୁଛି।

# ପ୍ରବାସୀ ଭାରତୀୟଙ୍କ ଆୟ ସର୍ବାଧିକ

**ଓ୍ୱାଶିଂଟନ୍ :** ୨୦୧୮ ବର୍ଷରେ ପ୍ରବାସୀ ଭାରତୀୟମାନଙ୍କ ଠାରୁ ଭାରତକୁ ୭୯୦୦ କୋଟି ଡଲାର ଆସିଛି ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ କରାଯାଇଥିବା ଏକ ଆକଳନ ରିପୋର୍ଟରେ କୁହାଯାଇଛି। ବିଶ୍ୱର ଅନ୍ୟ ଯେକୌଣସି ରାଷ୍ଟ୍ର ତୁଳନାରେ ଭାରତ ଏହାର ପ୍ରବାସୀ ଭାରତୀୟମାନଙ୍କ ଠାରୁ ସର୍ବାଧିକ ଆୟ କରିଛି। ଭାରତ ପଛକୁ ଚୀନ୍ ରହିଥିବା ବେଳେ ଏହି ରାଷ୍ଟ୍ରର ପ୍ରବାସୀମାନେ ଚୀନ୍‌କୁ ପଠାଇଥିବା ଅର୍ଥ ପରିମାଣ ୬୭୦୦ କୋଟି ଡଲାର ରହିଛି। ଏହି ଦୁଇଟି ବୃହତ୍ ରାଷ୍ଟ୍ର ବ୍ୟତୀତ ମେକ୍ସିକୋ, ଫିଲିପାଇନ୍ସ ଏବଂ ଇଜିପ୍ଟ ଆଦି ରାଷ୍ଟ୍ରର ପ୍ରବାସୀମାନଙ୍କ ଦ୍ୱାରା ସେମାନଙ୍କ ରାଷ୍ଟ୍ରମାନଙ୍କୁ ଯଥାକ୍ରମେ ୩୬୦୦ କୋଟି, ୩୪୦୦ କୋଟି ଏବଂ ୨୯୦୦ କୋଟି ଡଲାର ପଠାଯାଇଛି ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ତେବେ ଏକ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ସବୁଠୁ ଆଗୁଆ ରହିଛି ବୋଲି ସୋମବାର ପ୍ରକାଶ ପାଇଥିବା ବିଶ୍ୱବ୍ୟାଙ୍କର 'ମାଇଗ୍ରେସନ୍ ଆଣ୍ଡ ଡେଭଲପମେଣ୍ଟ ବ୍ରିଫ୍' ରିପୋର୍ଟରେ କୁହାଯାଇଛି। ବିଶେଷକରି ବିଗତ ୩ ବର୍ଷ ଧରି ପ୍ରବାସୀ ଭାରତୀୟମାନଙ୍କ ପକ୍ଷରୁ ଭାରତରେ ଅବସ୍ଥାନ କରୁଥିବା ସେମାନଙ୍କ ସମ୍ପର୍କୀୟମାନଙ୍କୁ ପଠାଯାଉଥିବା ରାଶିରେ ବୃଦ୍ଧି ଘଟି ଆସୁଥିବା ବେଳେ ଗତବର୍ଷ ଏହି ପରିମାଣରେ ସର୍ବାଧିକ ବୃଦ୍ଧି ପରିଲକ୍ଷିତ ହୋଇଛି ବୋଲି କୁହାଯାଇଛି। ୨୦୧୬ରେ ପ୍ରବାସୀ ଭାରତୀୟମାନଙ୍କ ଦ୍ୱାରା ଭାରତକୁ ମୋଟ ୬୨୭୦ କୋଟି ଡଲାର ପଠାଯାଇଥିବା ବେଳେ ୨୦୧୭ରେ ଏହି ପରିମାଣ ୬୫୩୦ କୋଟି ଡଲାର ରହିଥିଲା। ତେବେ ୨୦୧୮ରେ ଏଥିରେ ୧୪ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ ହେବା ସହ ଏହା ୭୯୦୦ କୋଟି ଡଲାରରେ ପହଞ୍ଚିଥିବା କୁହାଯାଇଛି। ବିଶେଷକରି ଗତବର୍ଷ କେରଳରେ ଘଟିଯାଇଥିବା ପ୍ରଳୟଙ୍କରୀ ବନ୍ୟାକୁ ନେଇ ପ୍ରବାସୀ ଭାରତୀୟମାନଙ୍କ ଦ୍ୱାରା ସେମାନଙ୍କ ସମ୍ପର୍କୀୟମାନଙ୍କ ନିକଟକୁ ପଠାଯାଉଥିବା ରାଶିରେ ବୃଦ୍ଧି କରାଯାଇଥିଲା ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପ୍ରବାସୀମାନଙ୍କ ଦ୍ୱାରା ଅପେକ୍ଷାକୃତ କମ୍ କିମ୍ବା ମଧ୍ୟମ ଆୟକାରୀ ରାଷ୍ଟ୍ରମାନଙ୍କୁ ଯାଉଥିବା ରାଶିରେ ମଧ୍ୟ ୨୦୧୮ ବର୍ଷରେ ବୃଦ୍ଧି ଘଟିଛି। ୨୦୧୭ ବର୍ଷରେ ଏହି ବର୍ଗର ରାଷ୍ଟ୍ରମାନଙ୍କୁ ୪୮,୩୦୦ କୋଟି ଡଲାର ଅର୍ଥ ଯାଇଥିଲା ବେଳେ ୨୦୧୮ ବର୍ଷରେ ଏଥିରେ ୯.୬ ପ୍ରତିଶତ ବୃଦ୍ଧି ଘଟି ଏହି ପରିମାଣ ୫୨,୯୦୦ କୋଟି ଡଲାରରେ ପହଞ୍ଚିଥିବା କୁହାଯାଇଛି। ୨୦୧୮ ବର୍ଷରେ ଦକ୍ଷିଣ ଏସିଆ ରାଷ୍ଟ୍ର ସମୂହକୁ ୧୨ ପ୍ରତିଶତ ଅଭିବୃଦ୍ଧିରେ ମୋଟ ୧୩,୧୦୦ କୋଟି ଡଲାର ଯାଇଥିବା ବେଳେ ପାକିସ୍ତାନ ଏବଂ ବାଂଲାଦେଶ ଭଳି ରାଷ୍ଟ୍ରମାନଙ୍କ ଆୟରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହୋଇଛି। ଏହି ବର୍ଷରେ ଆମେରିକାର ଅର୍ଥନୀତିରେ ଯଥେଷ୍ଟ ପରିବର୍ତ୍ତନ ଆସିଥିବା ବେଳେ ଆନ୍ତର୍ଜାତିକ ବଜାରରେ ତୈଳ ମୂଲ୍ୟ ପ୍ରଭାବ ବିସ୍ତାର କରିପାରିଥିବାରୁ ବାହାରିନ୍, ଓମାନ୍,କ୍ୱାତାର,ସାଉଦି ଆରବ ଏବଂ ମିଳିତ ଆରବ ଏମିରେଟ୍ସ ଭଳି ଜିସିସି( ଗଲ୍ଫ କୋଅପରେସନ କାଉନ୍‌ସିଲ୍) ଅନ୍ତର୍ଭୁକ୍ତ ରାଷ୍ଟ୍ରରୁ ସର୍ବାଧିକ ଅର୍ଥ ଆସିପାରିଥିବା ବିଶ୍ୱ ବ୍ୟାଙ୍କ ରିପୋର୍ଟରେ କୁହାଯାଇଛି।

# ବିତ୍ତୀୟ ନିଅଣ୍ଟ ପୂରଣ କରିବାରେ କେନ୍ଦ୍ର ସରକାର ସକ୍ଷମ

**ନୂଆଦିଲ୍ଲୀ :** ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ସୂତ୍ରରୁ ରାଜସ୍ୱ ଆୟରେ ହ୍ରାସ ପରିଲକ୍ଷିତ ହୋଇଥିଲେ ହେଁ କେନ୍ଦ୍ର ସରକାର ଏହି ବର୍ଷର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ପୂରଣ କରିବାକୁ ସକ୍ଷମ ହୋଇପାରିଛନ୍ତି। ବିଭିନ୍ନ କ୍ଷେତ୍ରରେ ଅପେକ୍ଷାକୃତ ମାନ୍ଦାବସ୍ଥା ଦେଖାଯିବା ସହିତ ଜିଏସ୍‌ଟି ଆୟରେ ମଧ୍ୟ ହ୍ରାସ ଘଟିଛି। ଏହା ସତ୍ତ୍ୱେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଜିଡିପିର ୩.୪ ପ୍ରତିଶତ ଭାବେ କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ପୂରଣ କରିବାକୁ ସକ୍ଷମ ହୋଇପାରିଥିବା ଆନ୍ତର୍ଜାତିକ ସମ୍ବାଦ ଏଜେନ୍ସି ସଂସ୍ଥା ରଏଟର ପକ୍ଷରୁ ଏକ ସରକାରୀ ଉତ୍ସକୁ ଆଧାର କରି କୁହାଯାଇଛି। ଏହି ବର୍ଷରେ କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ବ୍ୟୟ ପରିମାଣରେ ନିୟନ୍ତ୍ରଣ ଆଣିପାରିଥିବା ବେଳେ ଲଘୁ ସଞ୍ଚୟ ପାଣ୍ଠିରୁ ବିପୁଳ ପରିମାଣରେ ଋଣ ଆଣିପାରିଥିବାରୁ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ମେଣ୍ଟାଇବାରେ ସଫଳ ହୋଇପାରିଛନ୍ତି ବୋଲି ରଏଟର ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରେ କୁହାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବଜେଟ୍ ବ୍ୟବସ୍ଥା ଅନୁଯାୟୀ ବିତ୍ତୀୟ ନିଅଣ୍ଟ ମେଣ୍ଟାଇବାରେ ଗତ ଜାନୁଆରୀ ମାସ ପର୍ଯ୍ୟନ୍ତ ସରକାରଙ୍କ ପାଇଁ କାଠିକର ବ୍ୟାପାର ବୋଲି ଅନୁମାନ କରାଯାଉଥିଲା। କାରଣ ଏହି ମାସ ସୁଦ୍ଧା ବଜେଟ୍ ବ୍ୟବସ୍ଥା ତୁଳନାରେ ବିତ୍ତୀୟ ନିଅଣ୍ଟ ହାର ୨୧.୫ ପ୍ରତିଶତ ବୃଦ୍ଧି ପାଇଥିଲା। ତେବେ ରିଜର୍ଭ ବ୍ୟାଙ୍କ ଦ୍ୱାରା ଅନ୍ତରୀଣ ଲାଭାଂଶ ଭାବେ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ୨୮,୦୦୦ କୋଟି ଏବଂ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନଙ୍କରୁ ଅଂଶଧନ ପ୍ରତ୍ୟାହାର ସୂତ୍ରରୁ ଆଦାୟ ହୋଇଥିବା ୮୩,୫୨୩.୧୪ କୋଟି ଟଙ୍କାର ପାଣ୍ଠିକୁ ନେଇ ସରକାର ଏକପ୍ରକାର ଆଶ୍ୱସ୍ତ ହୋଇଥିଲେ। ତେବେ ଏହି ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଟିକସ ଆଦାୟ ଲକ୍ଷ୍ୟରେ ପଛେଇଯିବା ସହିତ ଲକ୍ଷ୍ୟ ଧାର୍ଯ୍ୟ ତୁଳନାରେ ୧ ଲକ୍ଷ କୋଟି ଟଙ୍କାର କମ୍ ଟିକସ ଆଦାୟ କରିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି।

# ୨୦୧୯-୨୦ ଆର୍ଥିକ ବର୍ଷରେ ୭.୫% ଛୁଇଁବ ଜିଡିପି

**ନୂଆଦିଲ୍ଲୀ :** ଭାରତ ଭଳି ଏକ ବୃହତ ପ୍ରଗତିଶୀଳ ଅର୍ଥନୈତିକ ରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧିକୁ ନେଇ ଆକଳନ ଜାରି ରହିଥିବା ବେଳେ ଚଳିତ ଆର୍ଥିକ ବର୍ଷ(୨୦୧୯-୨୦)ର ଅଭିବୃଦ୍ଧି ସବୁ ମହଲ ପାଇଁ ଉତ୍କଣ୍ଠାର ବିଷୟ ପାଲଟିଛି। ଏହାକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରେଟିଂ ଏଜେନ୍ସି କିମ୍ବା ଆକଳନକାରୀ ସଂସ୍ଥା ସେମାନଙ୍କ ମତାମତ ଦେଉଛନ୍ତି। ଏହିକ୍ରମରେ ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୭.୫ ପ୍ରତିଶତ ରହିବ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବିଶ୍ୱ ବ୍ୟାଙ୍କ ଏବଂ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ବସନ୍ତକାଳୀନ ବୈଠକର ଅବ୍ୟବହିତ ପୂର୍ବରୁ ଦକ୍ଷିଣ ଏସିଆ ସମ୍ପର୍କରେ ବିଶ୍ୱବ୍ୟାଙ୍କର ସର୍ବଶେଷ ରିପୋର୍ଟ ପ୍ରକାଶ କରାଯାଇଥିବା ବେଳେ ଏଥିରେ ଭାରତର ଆର୍ଥିକ ଅଭିବୃଦ୍ଧି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷର ଶେଷ ୩ଟି ତ୍ରୈମାସିକର ଅଭିବୃଦ୍ଧି ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ବିଶ୍ୱ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପାଇଁ ଆକଳନ କରାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧି ସହିତ ଏହି ବର୍ଷରେ ହାରାହାରି ଭାବେ ଜିଡିପି ୭.୫ ପ୍ରତିଶତ ଛୁଇଁବ ବୋଲି କୁହାଯାଇଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟ ଅନୁସାରେ ୨୦୧୯-୨୦ ଆର୍ଥିକ ବର୍ଷରେ ବିଶେଷକରି ପୁଞ୍ଜି ନିବେଶ କ୍ଷେତ୍ର ସଶକ୍ତ ହେବା ସହିତ ରପ୍ତାନିରେ ବୃଦ୍ଧି ଏବଂ ଘରୋଇସ୍ତରରେ ଅଧିକ ଉପଯୋଗ ଏବଂ ଲୋକଙ୍କ ବ୍ୟୟ କ୍ଷମତା ବୃଦ୍ଧି ପାଇବ ବୋଲି କୁହାଯାଇଛି। ସେହିପରି ଶିଳ୍ପ ଅଭିବୃଦ୍ଧି ହାର ମଧ୍ୟ ୭.୯ ପ୍ରତିଶତ ରହିବ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଏହି ବର୍ଷରେ କୃଷି ଉତ୍ପାଦନ ଅଭିବୃଦ୍ଧି ଉନ୍ନତ ରହିବା ସହ ଏହି କ୍ଷେତ୍ରର ସାମଗ୍ରିକ ଅଭିବୃଦ୍ଧି ମଧ୍ୟ ୪ ପ୍ରତିଶତ ରହିବ। ତେବେ ଦ୍ରୁତ ଅଭିବୃଦ୍ଧି ପାଇଁ ସାଧାରଣ ଲୋକଙ୍କ ଉପଯୋଗକୁ ନେଇ ବ୍ୟୟ କରିବାର



କ୍ଷମତା ଏବଂ ରପ୍ତାନି ସବୁଠାରୁ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷର ଚତୁର୍ଥ ତଥା ଚୂଡ଼ାନ୍ତ ତ୍ରୈମାସିକରେ ବିଭିନ୍ନ କ୍ଷେତ୍ରର ଅଭିବୃଦ୍ଧି ଆଶାଜନକ ହୋଇପାରିଥିବା ବେଳେ ଏହା ୨୦୧୯-୨୦ ଆର୍ଥିକ ବର୍ଷରେ ଅଧିକ ଅଭିବୃଦ୍ଧି ପାଇଁ ସହାୟକ ହୋଇପାରିବ ବୋଲି କୁହାଯାଇଛି। ସେହିଭଳି ଏହି ସମୟରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଥିବା ବେଳେ ଏହା ମଧ୍ୟ ଉଚ୍ଚ ଅଭିବୃଦ୍ଧି ହାସଲ ଦିଗରେ ସହାୟକ ହୋଇପାରିବ। କାରଣ ବିଗତ ଦିନରେ ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣ ମଧ୍ୟରେ ରହି ଆସିଥିବାରୁ ଏହା ଉଚ୍ଚ ଅଭିବୃଦ୍ଧି ହାସଲ ପାଇଁ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବ। ୨୦୧୮ ଜୁଲାଇରେ ଖାଦ୍ୟ ପଦାର୍ଥର ମୂଲ୍ୟ ଯଥେଷ୍ଟ ଭାବେ ହ୍ରାସ ପାଇବା ସହ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ମୂଲ୍ୟର ହ୍ରାସ ଏବଂ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ଆଗାମୀ ଦିନରେ ମଧ୍ୟ ଏହି ସ୍ଥିତି ବଜାୟ ରହିବ ବୋଲି ବିଶ୍ୱବ୍ୟାଙ୍କ ରିପୋର୍ଟରେ କୁହାଯାଇଛି। ତେବେ ୨୦୧୯-୨୦ ଆର୍ଥିକ ବର୍ଷର ଅଭିବୃଦ୍ଧିକୁ ନେଇ ନିକଟରେ ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ରେଟିଂ ଏଜେନ୍ସି 'ଫିଚ୍' ଦ୍ୱାରା ପ୍ରକାଶ କରାଯାଇଥିବା ଆକଳନ ସମ୍ପର୍କିତ ରିପୋର୍ଟ ଏବଂ ବିଶ୍ୱବ୍ୟାଙ୍କର ଆକଳନ ରିପୋର୍ଟ ମଧ୍ୟରେ ଅନେକ ଫରକ୍ ରହିଥିବା ଜଣାପଡ଼ିଛି। କାରଣ ଫିଚ୍ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ଭାରତର ଅଭିବୃଦ୍ଧି ୬.୮ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି କୁହାଯାଇଥିଲା

## ପ୍ରଚାର ମଇଦାନରେ ଦୁଇ ଅପରାଜିତା

**ଭୁବନେଶ୍ୱର :** ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ପାଞ୍ଚ ପଞ୍ଚାୟତରେ ବିଜେପି ପକ୍ଷରୁ ପ୍ରଚାର ଜୋରଦାର ହୋଇଛି। ଭୁବନେଶ୍ୱର ଲୋକସଭା ଆସନର ପ୍ରାର୍ଥୀନୀ ଅପରାଜିତା ଷଡ଼ଙ୍ଗୀ ଓ ଉତ୍ତର ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥିନୀ ଅପରାଜିତା ମହାନ୍ତି ପଦାସାହି, କେନ୍ଦୁପାଟଣା, ମରିଚିଆ, ବାଲିପଡା, ଦାଢା, ଝିଙ୍କରଡିହ ଏବଂ କଣ୍ଟୁଣିଆ ଗ୍ରାମରେ ପ୍ରଚାର କରି ଫେରିଯାଇଛନ୍ତି। ଆସନ୍ତାକାଲି ରଘୁନାଥପୁର, ପଦାସାହି, ପ୍ରଚାର କରିବେ ବୋଲି ସୂଚନା ମିଳିଛି। ଆଜି ସକାଳେ ପ୍ରଥମେ ଶ୍ରୀମତୀ ଷଡ଼ଙ୍ଗୀ ଓ ଶ୍ରୀମତୀ ମହାନ୍ତି ପଦାସାହି ଗ୍ରାମ ପରେ ଅନ୍ୟ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ପଚାରିଥିଲେ। ବିଶେଷ କରି ଲୋକଙ୍କ ପାଖରେ ପିଇବା ପାଣି ପହଞ୍ଚ ପାରୁନଥିବା ବେଳେ ବହୁ ଗରିବ ଲୋକ ଭଙ୍ଗା ଚାଳଘରେ ଜୀବନ ଅତିବାହିତ କରୁଛନ୍ତି ବୋଲି ଶ୍ରୀମତୀ ଷଡଙ୍ଗୀ ସୂଚନା ଦେଇଛନ୍ତି। ଏଣୁ ସରକାର ପରିବର୍ତ୍ତନ ଘଟିଲେ ରାଜ୍ୟ ଓ ଦେଶ ଆଗକୁ ଆଗେଇବ ବୋଲି ସେ କହିଥିଲେ।

### ବିଦ୍ୟାଳୟରେ କଡାକଡି ହେବ 'ଲର୍ଣ୍ଣିଂ ଏନ୍‌ହାନ୍ସମେଣ୍ଟ ପ୍ରୋଗ୍ରାମ'

# ମାର୍କ କମିଲେ ଦାୟୀ ରହିବେ ପ୍ରଧାନ ଶିକ୍ଷକ

**ଭୁବନେଶ୍ୱର :** ରାଜ୍ୟରେ ଉଭୟ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ପ୍ରଥମଥର ଲାଗି ଆରମ୍ଭ ହୋଇଥିବା 'ଲର୍ଣ୍ଣିଂ ଏନ୍‌ହାନ୍ସମେଣ୍ଟ ପ୍ରୋଗ୍ରାମ' ଯେପରି କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେବ ସେ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନୀତି ଆୟୋଗ ପକ୍ଷରୁ ଚୂଡ଼ାନ୍ତ ହୋଇଥିବା ଏହି ଯୋଜନା ଯେପରି ସଠିକ୍ ଭାବେ ରାଜ୍ୟରେ କାର୍ଯ୍ୟକରିବ ଏବଂ ଏଥିରେ ଜଡ଼ିତ ଅଧିକାରୀମାନେ ସଠିକ୍ ଭାବେ ସେମାନଙ୍କ କାର୍ଯ୍ୟ ତୁଲାଇବେ ସେ ଦିଗରେ ବିଭାଗର ବରିଷ୍ଠ ଅଧିକାରୀମାନେ ନଜର ଦେବେ ବୋଲି ଜଣାପଡ଼ିଛି। ତେବେ ଏହି ଯୋଜନାର ସଫଳ ରୂପାୟନ ଏବଂ ତଦନ୍ତ କରିବାକୁ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମଧ୍ୟରେ ମାସିକ ୩ଥର ଭିଡିଓ କନ୍‌ଫରେନ୍ସ କରାଯିବ। ଏନେଇ ପ୍ରଥମ ପର୍ଯ୍ୟାୟର ଭିଡିଓ କନ୍‌ଫରେନ୍ସ ଏପ୍ରିଲ ୮ ତାରିଖରେ ଆୟୋଜିତ ହୋଇଯାଇଛି। ବିଶେଷକରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିବ ରିପୋର୍ଟ ଏପ୍ରିଲ ୩୦ତାରିଖ ସୁଦ୍ଧା ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଏହି ସ୍କୁଲ ଯାଞ୍ଚ କାର୍ଯ୍ୟକ୍ରମ କେବଳ ଜିଲ୍ଲାୱାରୀ ସିଆର୍‌ସିସିମାନଙ୍କ ଦ୍ୱାରା ମନିଟରିଂ କରାଯିବ ବୋଲି ଜଣାପଡ଼ିଛି। 'ଲର୍ଣ୍ଣିଂ ଏନ୍‌ହାନ୍ସମେଣ୍ଟ ପ୍ରୋଗ୍ରାମ' କାର୍ଯ୍ୟକ୍ରମରେ ଦୁର୍ବଳ ପିଲାଙ୍କ ଲାଗି ସ୍କୁଲରେ ଦୈନିକ ଗୋଟିଏ କ୍ଲାସ୍ ବାଧ୍ୟତାମୂଳକ ଭାବେ ରହିବ। ଯେଉଁ ଶ୍ରେଣୀର ପିଲା ସେହି ଶ୍ରେଣୀର ଶିକ୍ଷା ବ୍ୟବସ୍ଥା ତଥା ବିଷୟରେ ଯେପରି ପିଲାମାନେ ଦୃଢ଼ ଭାବେ ପ୍ରସ୍ତୁତ ହୋଇପାରିବେ ସେ ନେଇ ଆସନ୍ତା ମେ'ରୁ ଜାନୁଆରୀ ମଧ୍ୟରେ ପ୍ରସ୍ତୁତ ହୋଇଥିବା ଏକାଡେମିକ କ୍ୟାଲେଣ୍ଡରରେ ସ୍ୱତନ୍ତ୍ର ରୁଟିନ୍ ପ୍ରସ୍ତୁତ କରାଯିବ। ଖରାଛୁଟି ଏବଂ ବଡ଼ଦିନ ଛୁଟିରେ ଦୁର୍ବଳ ପିଲାଙ୍କ ଲାଗି ସ୍ୱତନ୍ତ୍ର କ୍ଲାସ ହେବ। ଏହି ଛୁଟିରେ ଦୈନିକ ୨ଟି ପିରିୟଡ ମାଧ୍ୟମରେ ପିଲାଙ୍କୁ ନନ୍ ଫର୍ମାଲ ମାଧ୍ୟମରେ ଶିକ୍ଷାଦାନ ଦିଆଯିବ। ଏନେଇ ଏଲଇପି ବା 'ଲର୍ଣ୍ଣିଂ ଏନ୍‌ହାନ୍ସମେଣ୍ଟ ପ୍ରୋଗ୍ରାମ' ଲାଗି ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ ହୋଇଛି। ଏହାବ୍ୟତୀତ ଏହି 'ଏଲଇପି' ଯୋଜନାରେ ପିଲାଙ୍କ ଲାଗି ମଧ୍ୟ ସ୍ୱତନ୍ତ୍ର ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ପ୍ରଥମ ଶ୍ରେଣୀ ଲାଗି 'ସ୍ପେସାଲ ୱାର୍କ୍ସ ବୁକ୍' ପ୍ରସ୍ତୁତ ହୋଇଛି। ପ୍ରଥମରେ ଶିକ୍ଷକମାନେ ଟେକ୍ସଟ୍ ବହି ନପଢ଼ାଇ ଏହି 'ସ୍ପେସାଲ ୱାର୍କ୍ସ ବୁକ୍' ପଢ଼ାଇବେ। ଯଦିଓ ଶିକ୍ଷକମାନେ ଫର୍ମାଲ ପଦ୍ଧତିରେ ଶିକ୍ଷାଦାନ କରିବେ, ତେବେ ପାଠପଢ଼ାରେ ଅବୁଝା ପିଲାଙ୍କୁ ବୁଝାଇବା ଲାଗି ଆବଶ୍ୟକସ୍ଥଳେ ନନ୍ ଫର୍ମାଲ ପଦ୍ଧତି ବ୍ୟବହାର କରିପାରିବେ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ଷ୍ଟେଟ୍ ମନିଟରିଂ ପ୍ରୋଗ୍ରାମ ମଧ୍ୟ ଆରମ୍ଭ ହୋଇଛି। ଏହା ୨ଟି ପର୍ଯ୍ୟାୟରେ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୩ତାରିଖ ପର୍ଯ୍ୟନ୍ତ ଏବଂ ୨ୟ ପର୍ଯ୍ୟାୟ ଏପ୍ରିଲ ୧୫ରୁ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମନିଟରିଂ ପ୍ରୋଗ୍ରାମରେ ସ୍ୱଚ୍ଛତା ଆଣିବା ଲାଗି କେବଳ ସିଆର୍‌ସିସିଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି 'ଏଲ୍‌ଇପି' ଯୋଜନାରେ ରାଜ୍ୟରେ ଅତିରିକ୍ତ ୧୮୦୪ ସିଆର୍‌ସିସିଙ୍କ ଆବଶ୍ୟକ ରହିଛି। ଏହି ଯୋଜନାରେ ପ୍ରତ୍ୟେକ ସିଆର୍‌ସିସି ଦୈନିକ ୨ଟି ସ୍କୁଲ ପରିଦର୍ଶନ କରି ରିପୋର୍ଟ ପ୍ରସ୍ତୁତ କରିବେ। ଆସନ୍ତା ଏପ୍ରିଲ ୩୦ତାରିଖ ସୁଦ୍ଧା ରାଜ୍ୟର ସବୁ ସ୍କୁଲର ପରିଦର୍ଶନ କାର୍ଯ୍ୟକ୍ରମ ଶେଷ କରିବେ। ଯେଉଁ ସ୍କୁଲର ରିପୋର୍ଟରେ କିଛି ସମସ୍ୟା ବା ସ୍କୁଲର ଭିତ୍ତିଭୂମି କିମ୍ବା ଶିକ୍ଷାଦାନ ପଦ୍ଧତିରେ ଅଭିଯୋଗ ଦର୍ଶାଯାଇଥିବା ସଂପୃକ୍ତ ସ୍କୁଲଗୁଡିକୁ ମେ' ପ୍ରଥମ ସପ୍ତାହରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ପାହ୍ୟାର ଅଧିକାରୀମାନେ ପରିଦର୍ଶନ କରିବେ। ଅପରପକ୍ଷେ 'ଏଲଇପି' ଯୋଜନାରେ ବର୍ଷ ଶେଷକୁ ୩ଟି ପର୍ଯ୍ୟାୟରେ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ହେବ। ଯେଉଁଥିରେ ଛାତ୍ରଛାତ୍ରୀମାନେ ଯଦି ସର୍ବନିମ୍ନ ୫୦ପ୍ରତିଶତ ତଳକୁ ମାର୍କ ରଖନ୍ତି ତେବେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ମାତ୍ର ଯେଉଁ ସ୍କୁଲରେ ପିଲାମାନେ ୩୦ପ୍ରତିଶତ କିମ୍ବା ତା' ଠାରୁ କମ୍ ମାର୍କ ରଖିବେ ସେହି ସ୍କୁଲର ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରତି ବର୍ଷ ଶେଷ ତଥା ଏକାଡେମିକ କ୍ୟାଲେଣ୍ଡର ଶେଷ ସପ୍ତାହରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏସ୍‌ପିଡି, ଯୁଗ୍ମ ନିର୍ଦ୍ଦେଶକ, ଡିଇଓ କିମ୍ବା ଡିପିସି, ବିଇଓ କିମ୍ବା ବିଆର୍‌ସିସି ଏବଂ ଶିକ୍ଷା ବିଜ୍ଞାନୀ ସଂଯୋଜକଙ୍କ ଦ୍ୱାରା ଏହି ଯୋଜନାର ପର୍ଯ୍ୟବେକ୍ଷଣ ତଥା ଅନୁଧ୍ୟାନ କରାଯିବ।

### ଓପେପାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

# ମଧ୍ୟାହ୍ନ ଭୋଜନ ତାଲିକା ଦିଅ

**ଭୁବନେଶ୍ୱର :** ସର୍ବଶିକ୍ଷା ଅଭିଯାନରେ ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ କେତେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଛି ତା'ର ତାଲିକା ଦେବାକୁ ରାଜ୍ୟ ସରକାର ଓପେପାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ସ୍କୁଲରେ ପିଲାଙ୍କ ଆଧାର ସଂଯୋଗ ହେବା ପରେ ପ୍ରାୟ ୯ ଲକ୍ଷ ୭୨ହଜାର ପିଲାଙ୍କ ସଂଖ୍ୟା କମ୍ ରହିଥିଲା। ତେବେ ଦୀର୍ଘ ୧୦ବର୍ଷ ଏହି ଭୂତ ଛାତ୍ରଛାତ୍ରୀଙ୍କ ଅନୁଦାନ କିଏ ଖାଇଲେ ତାକୁ ନେଇ ମଧ୍ୟ ଖୋଳତାଡ଼ ଆରମ୍ଭ ହୋଇଥିଲା। ପକ୍ଷତପକ୍ଷେ ରାଜ୍ୟରେ କେତେ ପିଲା ମଧ୍ୟାହ୍ନ ଭୋଜନରେ ସାମିଲ ହୋଇଛନ୍ତି ତା'ର ଏକ ତଦନ୍ତ କରାଯାଇଥିଲା। ରାଜ୍ୟରେ ପ୍ରାୟ ୧୭ ଲକ୍ଷ ଭୂତ ପିଲାଙ୍କୁ ଚିହ୍ନଟ କରାଯାଇଥିଲା। ତେବେ ଏହି ରିପୋର୍ଟ ପରେ ଯେଉଁ ୨ୟ ପର୍ଯ୍ୟାୟ ଯାଞ୍ଚ ହୋଇଥିଲା ସେଥିରେ ଭୂତ ପିଲାଙ୍କ ସଂଖ୍ୟା ପ୍ରାୟ ୧୧ଲକ୍ଷ ୬୦ହଜାର ରହିଥିବା ଜଣାପଡ଼ୁଛି। ଏବେ ଏହି ୨ଟି ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଏହି ସମସ୍ୟାର ସମାଧାନ ଲାଗି ପୁଣି ଏକ ଯାଞ୍ଚ କରିବାକୁ ନିଷ୍ପତ୍ତି ହୋଇଛି। ଯେଉଁଥିରେ ଜିଲ୍ଲାୱାରୀ ସ୍କୁଲର ରିପୋର୍ଟ ଓ ସରକାରୀ ସ୍କୁଲରେ ନାମଲେଖାଇଥିବା ପିଲାଙ୍କ ଆଧାର ନମ୍ବର ଯାଞ୍ଚ କରାଯାଇ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହି ରିପୋର୍ଟ ଆସନ୍ତା ମେ' ୩୦ସୁଦ୍ଧା ଦାଖଲ କରିବାକୁ ରାଜ୍ୟ ସରକାର ଓପେପାକୁ କହିଛନ୍ତି। ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କେବଳ ସରକାରୀ ସ୍କୁଲ ସଂଖ୍ୟା ୫୮ହଜାର ୬୩୧। ସେହିପରି ୟୁଡାଇସ୍ ରିପୋର୍ଟ ଅନୁଯାୟୀ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲାଙ୍କ ସଂଖ୍ୟା ୫୯ଲକ୍ଷ ୭୨ହଜାର ୮୭୦। ତେବେ ଏହି ପିଲାଙ୍କ ମଧ୍ୟରୁ ପ୍ରକୃତରେ କେତେ ପିଲା କେବଳ ସରକାରୀ ସ୍କୁଲରେ ପଢ଼ୁଛନ୍ତି ତା'ର ରିପୋର୍ଟ ଆଜିସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଜିଲ୍ଲାୱାରୀ ଦେଖିଲେ ଜଣାପଡ଼େ ଯେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୧୮ଟି ଜିଲ୍ଲାରେ ପିଲାଙ୍କ ସଂଖ୍ୟା ୧ଲକ୍ଷରୁ ଅଧିକ ଥିବା ବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୭ଟି ଜିଲ୍ଲାରେ ପିଲାଙ୍କ ସଂଖ୍ୟା ୧ଲକ୍ଷରୁ ଅଧିକ ରହିଛି। ୨୦୧୬ ସୁଦ୍ଧା ରାଜ୍ୟରେ ପ୍ରାୟ ୫୮ଲକ୍ଷ ପିଲା ମଧ୍ୟାହ୍ନ ଭୋଜନରେ ସାମିଲ ଥିବା ରିପୋର୍ଟ ହୋଇଥିବା ବେଳେ ଗତବର୍ଷ ଅହେତୁକ ଭାବେ ପିଲାଙ୍କ ସଂଖ୍ୟା ପ୍ରାୟ ୯ଲକ୍ଷ ହ୍ରାସ ପାଇଥିଲା। ତେବେ କେଉଁ କାରଣରୁ ପିଲାଙ୍କ ସଂଖ୍ୟା ହ୍ରାସ ଘଟିଲା ବୋଲି ପ୍ରଶ୍ନରେ ଅନେକ ସ୍କୁଲର କର୍ତ୍ତୃପକ୍ଷ ପିଲାମାନେ ମଧ୍ୟାହ୍ନ ଭୋଜନ ଖାଉନଥିବା ଦର୍ଶାଇଥିଲେ। ମାତ୍ର ଆଧାର ସଂଯୋଗ ପରେ ଜଣାପଡ଼ିଲା ଯେ ସରାକରୀ ସ୍କୁଲରେ ଯେତିକି ପିଲାଙ୍କ ସଂଖ୍ୟା ଦର୍ଶାଯାଇଥିଲା ସେଥିରୁ ପ୍ରାୟ ସାଢ଼େ ଆଠ ଲକ୍ଷ କମ୍ ରହିଛି। ତେଣୁ ଏହାର ପ୍ରକୃତ ଯାଞ୍ଚ ଲାଗି ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସ୍କୁଲରେ ପିଲାଙ୍କ ଆଧାର ସଂଯୋଗ ବାଧ୍ୟତାମୂଳକ ହୋଇଥିଲା। ରାଜ୍ୟର ବ୍ଲକ୍ ସ୍ତରରେ ଯେଉଁ ଯାଞ୍ଚ ହୋଇଥିଲା ଓ ଜିଲ୍ଲାୱାରୀ ଯାଞ୍ଚ ମଧ୍ୟରେ ଏବେ ଏକ ବଡ଼ ବ୍ୟବଧାନ ପରିଲକ୍ଷିତ ହେଉଛି। ଏପରିକି କିଛି ସହରରେ ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ଶତପ୍ରତିଶତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହାବ୍ୟତୀତ ଅନେକ ସହରରେ ଏହି ମଧ୍ୟାହ୍ନଭୋଜନ ଦାୟିତ୍ୱ କିଛି ଅନୁଷ୍ଠାନ ମାଧ୍ୟମରେ କାର୍ଯ୍ୟକାରୀ ହେଉଛି। ତେବେ ଆଧାର ସଂଯୋଗ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ପ୍ରକୃତରେ କେତେ ପିଲା ସରକାରୀ ସ୍କୁଲରେ ପଢ଼ୁଛନ୍ତି ତାହା ସ୍ପଷ୍ଟ ହେବ। ତେବେ ଏହି ଆଧାର ସଂଯୋଗ କାର୍ଯ୍ୟ ଶୀଘ୍ର ଶେଷ କରିବା ସହ ଜିଲ୍ଲାୱାରୀ ପୁଣି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଯାଞ୍ଚରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କିଛି ବରିଷ୍ଠ ଅଧିକାରୀ ପ୍ରତ୍ୟକ୍ଷଭାବେ ଜଡ଼ିତ ରହିବେ। ପୂର୍ବରୁ ଯେଉଁ ଅଧିକାରୀମାନେ ରିପୋର୍ଟ ଦେଇଛନ୍ତି ସେହି ଅଧିକାରୀଙ୍କୁ ବାଦ୍ ଦିଆଯାଇଛି। ମେ'ରେ ଚୂଡ଼ାନ୍ତ ରିପୋର୍ଟ ପାଇବା ପରେ ପୂର୍ବ ରିପୋର୍ଟ ସହ ସମୀକ୍ଷା କରାଯିବ। ପୂର୍ବରୁ ଯଦି କୌଣସି ରିପୋର୍ଟରେ ଭୁଲ ଦର୍ଶାଯାଇଥିବ ସମ୍ପୃକ୍ତ ରିପୋର୍ଟ ପ୍ରସ୍ତୁତ କରିଥିବା କର୍ମଚାରୀ ତଥା ଯେଉଁ ସ୍କୁଲରେ ପିଲାଙ୍କ ସଂଖ୍ୟା ଅଧିକ ଦର୍ଶାଯାଇଥିବ ସେହି ସ୍କୁଲର କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## 'ସାଢ଼େ ଚାରିକୋଟି ଓଡ଼ିଆ ମୋର ପରିବାର'

**ଭୁବନେଶ୍ୱର :** ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି ଏବଂ ଆସିକା ଲୋକସଭା ନିର୍ବାଚନମଣ୍ଡଳୀରେ ହାଇଟେକ୍ ପ୍ରଚାର ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ହେଲିକେପ୍ଟର ଯୋଗେ ଯାଇ ସାନଖେମୁଣ୍ଡି ବ୍ଲକରେ କରାଯାଇଥିବା ଅସ୍ଥାୟୀ ହେଲିପ୍ୟାଡ୍ ରେ ଓହ୍ଲାଇ ଅତ୍ୟାଧୁନିକ ବସ୍ ରେ ପାଟପୁର ଯାଇ ସେଠାରେ ସାଧାରଣ ସଭାରେ ଯୋଗ ଦେଇଥିଲେ । ଏହି ଅବସରରେ ସେଠାରେ ଉପସ୍ଥିତ ଥିବା ହଜାର ହଜାର ସଂଖ୍ୟାରେ ଜନସାଧାରଣଙ୍କୁ ସମ୍ବୋଧନ କରି ସେ କହିଥିଲେ ଯେ, ମୁଁ ଆପଣମାନଙ୍କ ଗାଁକୁ ଆସିଛି ଆପଣମାନେ ଖୁସି ତ । ରାଜ୍ୟର ସାଢ଼େ ୪ କୋଟି ଓଡ଼ିଆ ମୋର ପରିବାର। ଆପଣମାନେ ମୋତେ ଆଶିର୍ବାଦ କରନ୍ତୁ ଯେପରି ମୁଁ ନିର୍ବାଚନରେ ବିଜୟ ଲାଭ କରିବି। ବିଜେଡ଼ି ପୁଣି ଥରେ ରାଜ୍ୟରେ ସରକାର ଗଠନରେ ସଫଳ ହେବ । ଏତିକି କହି ସେ ତାଙ୍କର ବକ୍ତବ୍ୟ ଶେଷ କରିଥିଲେ। ଉପସ୍ଥିତ ଜନସାଧାରଣ ତାଙ୍କୁ କରତାଳି ଦେଇ ସ୍ୱାଗତ କରିଥିଲେ। ବିଜେଡ଼ି ଜିନ୍ଦାବାଦ୍, ନବୀନ ପଟ୍ଟନାୟକ ଜିନ୍ଦାବାଦ୍ ଧ୍ୱନୀରେ ସଭାସ୍ଥଳ କମ୍ପି ଉଠିଥିଲ। ଏହାପରେ ମୁଖ୍ୟମନ୍ତ୍ରୀ ମହାନଳା, ଚୁଡ଼ଙ୍ଗପୁର, ରାଧାଦେଇପୁର, ଏରେଣ୍ଡ୍ରା, ଖଲିଙ୍ଗି, ଆଡପଡ଼ା, କଂକୋରଡ଼ା, କଉଡ଼ିଆ, ଢ଼େଙ୍ଗାଡ଼ି, ଜଗନ୍ନାଥପୁର ଛକ, ରାମଚନ୍ଦ୍ରପୁର, ତା' ପରେ ଶେରେଗଡ଼ ଆସି ବିଜୁ ପଟ୍ଟନାୟକ ଛକରେ ଦିନ ୧୨ ଟାରେ ପହଂଚି ଥିଲେ । ସେଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦବୋଧନ ଦେଇଥିଲେ । ଏହାପରେ କୁମାରପାଣି, କରଡ଼ାକଣା, ବରମୁଣ୍ଡୁଳୀ, ବନ୍ଧାଗୁଡ଼ାରେ ମଧ୍ୟ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ତାକରଡ଼ା, ଧନନ୍ତର, ଢ଼େଙ୍ଗାପଦର, ଗୋବିନ୍ଦପୁର, ଗୋଠଗାଁ, ଠୁରୁବୁରାଇ, କୁରୁଳା, ଖାସପା, ଅଲାରୀଗଡ଼, ପଲ୍ଲିପଦ୍ମନାଭପୁର, ବଡ଼ଖଣ୍ଡି, ସମରଝୋଳ, କଂଚୁର, ଦୁର୍ବନ୍ଧ, ଗଣ୍ଡଳା, ବେଲଗାଁ, ଧୋବାଡ଼ିପାଟପୁର, ନନ୍ଦିକ, ରାଳବ, ସିକିରି, ହିଞ୍ଜିଳିକାଟୁ, ବୁରୁପଡ଼ା, ପୋଡ଼ିଙ୍ଗି, ପିତଳ, ଚେରମାରିଆ, ନଳବଂଟା, କାଳଷଣ୍ଡପୁର ପ୍ରଭୃତି ୪୦ଟି ସ୍ଥାନରେ ରୋଡ ସୋ ଓ ବସ୍ ଉପରେ ପୋଡିୟମ୍ ରୁ ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ । ଆସିକା ରଷିକୂଲ୍ୟା ହେଲିପ୍ୟାଡ୍ ରେ ଅପରାହ୍ନ ୫ଟାରେ ପହଂଚି ସେଠାରୁ ହେଲିକେପ୍ଟର ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

## ତୃତୀୟ ପର୍ଯ୍ୟାୟରେ ଭୋଟ ଦେବେ ୯୨ଲକ୍ଷରୁ ଅଧିକ ଭୋଟର

**ଭୁବନେଶ୍ୱର :** ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ୬ଟି ଲୋକସଭା ଆସନ ଯଥା: ସମ୍ବଲପୁର, ଢେଙ୍କାନାଳ, କେଉଁଝର, କଟକ, ପୁରୀ ଓ ଭୁବନେଶ୍ୱର ସହ ଏହା ଅଧିନସ୍ଥ ୪୨ଟି ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୬୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏମାନଙ୍କ ମଧ୍ୟରୁ ୫୫ଜଣ ପୁରୁଷ ଓ ୬ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ଏହି ନିର୍ବାଚନରେ ୬୧ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୯ଜଣ ଜାତୀୟ ଦଳର, ୬ଜଣ ରାଜ୍ୟସ୍ତରୀୟ ଦଳର, ୨୭ଜଣ ଅନ୍ୟାନ୍ୟ ଦଳର ହୋଇଥିବାବେଳେ ୯ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି। ସେହିପରି ତୃତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୩୫୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ୩୧୮ଜଣ ପୁରୁଷ, ୩୭ଜଣ ମହିଳା ଓ ଜଣେ ତୃତୀୟ ଲିଙ୍ଗୀ ଅଛନ୍ତି। ଏହି ନିର୍ବାଚନରେ ୩୫୬ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୨୧ଜଣ ଜାତୀୟ ଦଳର, ୪୨ଜଣ ରାଜ୍ୟସ୍ତରୀୟ ଦଳର, ୯୦ଜଣ ଅନ୍ୟାନ୍ୟ ଦଳର ହୋଇଥିବାବେଳେ ୧୦୩ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୧୦ ହଜାର ୪୬୨ ବୁଥ୍‌ରେ ୪୭ ଲକ୍ଷ ୯୯ ହଜାର ୩୦ ପୁରୁଷ ଭୋଟର, ୪୪ ଲକ୍ଷ ୫୬ ହଜାର ୭୨୯ ମହିଳା ଭୋଟର ଓ ୧୧୬୩ ଜଣ ତୃତୀୟ ଲିଙ୍ଗୀ ଭୋଟରଙ୍କୁ ମିଶାଇ ମୋଟ ୯୨ଲକ୍ଷ ୫୬ ହଜାର ୯୨୨ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ।

# 'ଓଡ଼ିଶାରେ ବିଜେପି ସରକାର ଆସିଲେ ଆଦିବାସୀଙ୍କ ବିକାଶ ହେବ'

**ଭୁବନେଶ୍ୱର :** ଓଡିଶାରେ ପ୍ରାୟ ୧ କୋଟି ଆଦିବାସୀ ଲୋକ ବସବାସ କରୁଥିବା ବେଳେ ବିଜେଡି ସରକାର ସବୁ ସମୟରେ ସେମାନଙ୍କୁ ଅଣଦେଖା କରିଚାଲିଛି । ଗତ ୧୯ ବର୍ଷ ଶାସନ ମଧ୍ୟରେ ନବୀନ ସରକାର ପେସା ଆଇନ କାର୍ଯ୍ୟକାରୀ କରିପାରିଲେ ନାହିଁ । ହେଲେ ରାଜ୍ୟରେ ବିଜେପି ସରକାର ଆସିଲେ ୩ ମାସ ମଧ୍ୟରେ ପେସା ଆଇନକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରିବୁ । ବିଜେପିର ସଙ୍କଳ୍ପ ପତ୍ରରେ ଏହା ବିଜେପି ଘୋଷଣା କରିଛି । ସେହିପରି ଆମ ଗାଁ ଆମ ବିକାଶ ପିଠା ଯୋଜନାରେ ଆଦିବାସୀ ଅଂଚଳରେ ଗ୍ରାମସଭାକୁ ଉପେକ୍ଷା କରାଯାଇଛି । ସ୍ଥାୟୀ ଜାତି ପ୍ରମାଣପତ୍ର ପ୍ରଦାନ କରିବାରେ ଅବହେଳା କରାଯାଉଛି । ଜଙ୍ଗଲ ଅଧିକାର ଓ ଅନ୍ୟ ରାଜସ୍ୱ ଆଇନରେ ପଟ୍ଟା ଜମି ଚିହ୍ନଟ, ଖଜଣା, ଧାନବିକ୍ରି, କୃଷିଋଣ ଦିଆଯାଉନି । ବିଜେପି ସରକାର ଆସିଲେ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତାକୁ ଆମେ ସୁନିଶ୍ଚିତ କରାଯିବା ସହ ଗ୍ରାମସଭାର କ୍ଷମତାକୁ ସୁନିଶ୍ଚିନ୍ତ କରିବୁ ବୋଲି ଏକ ସାମ୍ବାଦିକ ସମ୍ମିଳନିରେ କହିଛନ୍ତି ବିଜେପି ଅନୂସୁଚିତ ଜନଜାତି ମୋର୍ଚ୍ଚାରେ ସାଧାରଣ ସମ୍ପାଦକ ପ୍ରିୟବ୍ରତ ମାଝି । ଏବେ ନିର୍ବାଚନ ଥିବାରୁ ବିଜେଡି ଆଦିବାସୀମାନଙ୍କ କଥା ଉଠାଇଛି । ୧୯ ବର୍ଷରେ ଆଦିବାସୀମାନଙ୍କ ବିକାଶ ପାଇଁ କିଛି କରିନଥିବା ବିଜୁ ଜନତା ଦଳ ଏବେ ଭୋଟ ହାତେଇବା ପାଇଁ ଆଦିବାସୀମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ମାଝି କହିଛନ୍ତି । ଆଦିବାସୀ କନ୍ୟାଶ୍ରମ ଓ ଅନ୍ୟ ଛାତ୍ରୀ ନିବାସ ମାନଙ୍କରେ ଅତ୍ୟାଚାର ବଢ଼ିଥିବାବେଳେ ରାଜ୍ୟ ସରକାର ଚୁପ ରହିଛନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଆଦିବାସୀ ମାନଙ୍କୁ ରାଜ୍ୟ ସରକାର ଉଚିତ୍ ମୂଲ୍ୟ ଦେଉ ନାହାଁନ୍ତି । ବିଜେପି ସରକାର ଆସିଲେ ଅନାବାଦୀ ଜମିରେ ଚାଷ କରୁଥିବା ଭୂମିହିନ ଆଦିବାସୀ ମାନଙ୍କୁ ଜମି ପଟ୍ଟା ପ୍ରଦାନ କରିବୁ। ଆଦିବାସୀ ଅଧ୍ୟୁଷିତ ଛୋଟ ପଡ଼ା ଓ ଗାଁକୁ ମୁଖ୍ୟ ସଡ଼କ ସହ ସଂଯୋଗ କରିବା ପାଇଁ ବନବାସୀ କଲ୍ୟାଣ ଗ୍ରାମ ସଡ଼କ ଯୋଜନା ଆରମ୍ଭ କରିବୁ। ମିଶନ ମୋଡ଼ରେ ୨୦୨୨ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରାଯିବ ବୋଲି ମାଝୀ କହିଛନ୍ତି । ରାଜ୍ୟ ସରକାର ଆଦିବାସୀ ଛାତ୍ର ବୃତି ବୃଦ୍ଧି କରୁନାହାଁନ୍ତି କି ରାଜକୋଷରୁ ଅର୍ଥ ଠିକ ସମୟରେ ଦେଉ ନାହାଁନ୍ତି । ଆଦିବାସୀ ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ପଦବୀ ଖାଲି ପଡିଛି ଏବଂ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କୁ ଉତମ ମାନର ଖାଦ୍ୟ ଦିଆଯାଉନାହିଁ । ବିଜେପି ସରକାରକୁ ଆସିଲେ ପୁଷ୍ଟିହୀନତା ଓ ରକ୍ତହୀନତା ସମସ୍ୟାର ମୁକାବିଲା ପାଇଁ ଆଦିବାସୀ ବିପିଏଲ୍ ପରିବାରକୁ ୩ କେଜି ଡ଼ାଲି ଓ ୧ କେଜି ଲୁଣ ମାଗଣାରେ ଯୋଗାଇ ଦିଆଯିବ। ପୌଷ୍ଟିକ ଆବଶ୍ୟକତା ପୂରଣ ପାଇଁ ପ୍ରତି ମାସରେ ପ୍ରତି ଆଦିବାସୀ ପରିବାର ପିଛା ୧୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଡ. ମାଝି କହିଛନ୍ତି। ରାଜ୍ୟରେ ବିଜେପି ସରକାର ଆସିଲେ ବୃତିଗତ ଶିକ୍ଷା କ୍ଷେତ୍ରରେ ପାଠ ପଢୁଥିବା ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷା, ରହିବା, ଖାଇବା ପାଇଁ ୧୦୦% ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଆଦିବାସୀ ଭାଷା, ସାହିତ୍ୟ, କଳା, ସଂସ୍କୃତିର ଗବେଷଣା ଓ ପ୍ରଚାର ପ୍ରସାର ପାଇଁ ଗୋଟିଏ ଓଡ଼ିଶା ଆଦିବାସୀ ସ୍ୱାଭିମାନ ୟୁନିଭରସିଟି ପ୍ରତିଷ୍ଠା କରାଯିବ। ପ୍ରତ୍ୟେକ ଆଦିବାସୀ ଜିଲ୍ଲାରେ ଗୋଟିଏ ଲେଖାଏଁ ମୋଟ



୧୩ଟି ଲକ୍ଷ୍ମଣ ନାୟକ ରେସିଡ଼େନସିଆଲ୍ ଟ୍ରେନିଂ ଏକାଡ଼େମୀ ପ୍ରତିଷ୍ଠା କରାଯିବ ଯେଉଁଠି ଆଦିବାସୀ ଯୁବକ/ଯୁବତୀଙ୍କୁ ସମସ୍ତ ପ୍ରକାର ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ମାଗଣା କୋଚିଂ ଦିଆଯିବ ବୋଲି ପ୍ରିୟବ୍ରତ କହିଛନ୍ତି। ୧୯ ବର୍ଷ ଶାସନ ପରେ ବି ଆଦିବାସୀ ଅଂଚଳର ଅନେକ ଗ୍ରାମ ନଗଡା ପରି ଅବସ୍ଥାରେ ଅଛି । ପ୍ରତିଦିନ ଗର୍ଭବତୀ ମହିଳା କାନ୍ଧରେ, ଖଟରେ , ବେତ , ଟୋକେଇରେ ବୁହା ହେଉଛନ୍ତି । ଆଦିବାସୀ ଅଂଚଳରେ ନବୀନ ସରକାର ଖଣି ଖାଦାନ କରି ଶୋଷଣ କରୁଥିବାବେଳେ ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ନଦେଇ ଦାଦନ ଖଟିବାକୁ ବାଧ୍ୟ କରାଯାଉଛି । ଆଗାମୀ ଦିନରେ ରାଜ୍ୟରେ ବିଜେପି ସରକାର ଆସିଲେ ଆଦିବାସୀମାନଙ୍କର ସଂପୂର୍ଣ୍ଣ ବିକାଶ ହେବ । ଆଦିବାସୀ ମାନଙ୍କ ଧାର୍ମିକ ପରମ୍ପରା ଓ ଉପାସନା ସ୍ଥଳୀର ସଂରକ୍ଷଣ ଓ ସୁରକ୍ଷା ପାଇଁ ଆମେ ଏକ 'ଟ୍ରାଇବାଲ୍ ରିଲିଜିୟସ୍ ପ୍ରାକ୍ଟିସେସ୍ ପ୍ରୋଟେକ୍‌ସନ୍ ଆକ୍ଟ' ଅଣାଯିବ । ଆଦିବାସୀମାନଙ୍କ ଆୟ ବୃଦ୍ଧି, ଦକ୍ଷତାର ଉନ୍ନୀତକରଣ ଓ ତାଲିମ ପ୍ରଦାନ ପାଇଁ ପ୍ରତ୍ୟେକ ଜିଲ୍ଲାରେ 'ବନଧନ ବିକାଶ କେନ୍ଦ୍ର' ସବୁ ସ୍ଥାପନ କରାଯିବ। ଆଦିବାସୀମାନେ ଯେପରି ସେମାନଙ୍କ ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଇପାରିବେ ସେଥିପାଇଁ ଆମେ ସମସ୍ତ ଲଘୁ ବନଜାତ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ କ୍ରୟ କରିବାକୁ ପ୍ରତିଶୃତି ପ୍ରଦାନ କରୁଛୁ। କ୍ରୟ ହେବାର ଏକ ସପ୍ତାହ ମଧ୍ୟରେ ସହାୟକ ମୂଲ୍ୟ ପ୍ରଦାନକୁ ସୁନିଶ୍ଚିତ କରାଯିବ ବୋଲି ଶ୍ରୀ ମାଝୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ବିଜେଡିରେ ମିଶିଲେ ପିସିସି ସଂପାଦକଙ୍କ ସହ ୫ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ

**ଭୁବନେଶ୍ୱର :** ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନେତୃତ୍ୱ ଏବଂ ଜନହିତକର କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଂପାଦକ ଇଂ. ପ୍ରମୋଦ କୁମାର ଜେନାଙ୍କ ନେତୃତ୍ୱରେ ପିସିସି ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ଦାସ, ଜଗତସିଂହପୁର ଜିଲ୍ଲା କଂଗ୍ରେସ ଉପ-ସଭାପତି ସନ୍ତୋଷ କୁମାର ଦାଶ, କିଶାନ ସେଲ୍ ରାଜ୍ୟ ସାଧାରଣ ସଂପାଦକ ନବୀନ ଦାସ ଓ ସଂପାଦକ ବିଶ୍ୱନାଥ ପାଣି ୫ ହଜାର ସମର୍ଥକଙ୍କ ସହ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ସଭାପତିଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହାସହିତ ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସନ୍ତୋଷ କୁମାର ବିଶ୍ୱାଳ, କଂଗ୍ରେସ ସେବାଦଳ ସାଧାରଣ ସଂପାଦକ ଅଶୋକ ନାଥ, ମହିଳା କଂଗ୍ରେସ ସଂପାଦିକା ଖୁଲଣା ଜେନା, ଭାଗ୍ୟଲକ୍ଷ୍ମୀ ପଣ୍ଡା, କାଉନ୍‌ସିଲର ମନୋଜ କୁମାର ବେହେରା, ଜିଲ୍ଲା କଂଗ୍ରେସ କମିଟି ସଂପାଦକ ଶ୍ରୀକାନ୍ତ ଦାସ, ସୁମିତ୍ରା ଦାସ, କୁଜଙ୍ଗ ବ୍ଲକ ଜୋନ୍-୪ ସଭାପତି ସୁରେନ୍ଦ୍ର ତରାଇ, ଅଧକ୍ଷ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ବ୍ଲକ ଏସ୍‌ସି ସେଲ୍ ଅଧକ୍ଷ ଆଶିଷ ସାମଲ, ପାରାଦୀପ ଟାଉନ୍ କିଶାନ ସେଲ୍ ଅଧକ୍ଷ କ୍ଷେତ୍ରମୋହନ ପାଲ, ଜୋନ୍-୩ କିଶାନ ସେଲ୍ ଅଧକ୍ଷ ସୌମ୍ୟଜିତ ରାଉତ, ଜୋନ୍-୧ କିଶାନ ସେଲ୍ ଅଧକ୍ଷ ପ୍ରଭାତ କୁମାର ମହାପାତ୍ର, ଜୋନ୍-୨ କିଶାନ ସେଲ୍ ଅଧକ୍ଷ କୃଷ୍ଣଚନ୍ଦ୍ର ବାରିକ, ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସାଧାରଣ ସଂପାଦକ କବୀର ପ୍ରସାଦ ଦାସ, ସନ୍ଦୀପ ରାଉତ, ସରୋଜ ପରିଡ଼ା, ସଂଗ୍ରାମ କେଶରୀ ବିଶ୍ୱାଳ, ଛାତ୍ର କଂଗ୍ରେସ ଜିଲ୍ଲା ସାଧାରଣ ସଂପାଦକ ମୁନାରାଜ ସ୍ୱାଇଁ, ଯୁବନେତା ଜବାହର ମହାନ୍ତି, ସମାଜସେବୀ




ଲୀନା ପରିଡ଼ା ପ୍ରମୁଖ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗ ଦେଇଥିବା ଶ୍ରୀ ଜେନାଙ୍କ ସହ ସମସ୍ତ ନେତା-କର୍ମୀଙ୍କୁ ମାନ୍ୟବର ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ସ୍ୱାଗତ କରିବା ସହ କହିଥିଲେ ଯେ ଆଜି ପ୍ରମୋଦ ଏବଂ ତାଙ୍କ ସମର୍ଥକମାନଙ୍କ ଯୋଗଦାନ ଆମ ଦଳକୁ ସୁଦୃଢ଼ କରିବ। ଏଥିସହିତ ଜଗତସିଂହପୁର ଜିଲ୍ଲା ସହ ପାରାଦୀପ ନିର୍ବାଚନ ମଣ୍ଡଳୀରେ ଦଳ ଶକ୍ତିଶାଳୀ ହେବ। ବିଜେଡିରେ ଯୋଗଦେବା ଅବସରରେ ଶ୍ରୀ ଜେନା କହିଥିଲେ ଯେ ମୁଁ କୌଣସି ପଦପଦବୀ ଆଶା ନେଇ ବିଜେଡିରେ ମିଶିନାହିଁ। ଯେଉଁ ଦଳ-ବଳ ନେଇ କଂଗ୍ରେସରେ କାମ କରୁଥିଲି, ତା'ଠାରୁ ଅଧିକ ଶକ୍ତି ନେଇ ମୁଁ ବିଜୁ ଜନତା ଦଳ ପାଇଁ କାମ କରିବି। କଂଗ୍ରେସ ତା'ର ଚିନ୍ତାଧାରା ଓ ବିଚାରଧାରା ଠାରୁ ବହୁ ଦୂରରେ ରହିଛି। ସେପରିସ୍ଥଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ମୋତେ ବହୁମାତ୍ରାରେ ଆକର୍ଷିତ କରିଛି ବୋଲି ଶ୍ରୀ ଜେନା କହିଥିଲେ। ବିଜୁ ଜନତା ଦଳ ରାଜ୍ୟ ସଂପାଦକ ବିଜୟ ନାୟକଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଯୋଗଦାନ କାର୍ଯ୍ୟକ୍ରମରେ ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ, ପାରାଦୀପ ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ, ଯୁବ ବିଜେଡି ସାଧାରଣ ସଂପାଦକ ତନ୍ମୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବିନା ଔଷଧରେ ରୋଗର ଚିକିତ୍ସା ସମ୍ଭବ

**ଭୁବନେଶ୍ୱର :** ପଥରଗାଡିଆ ସ୍ଥିତ ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ଏକ ଦିବସୀୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଆୟୋଜିତ ଏହି ଚିକିତ୍ସା ଶିବିରରେ ଆକ୍ୟୁପ୍ରେସର ଚୁମ୍ବକୀୟ ଚିକିତ୍ସା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନୋରଞ୍ଜନ ମହାପାତ୍ର ଆକ୍ୟୁପ୍ରେସର ମାଧ୍ୟମରେ କିଭଳି ବିନା ଔଷଧରେ ରୋଗର ଚିକିତ୍ସା ସମ୍ଭବ ବୋଲି ସେ ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ। ଏହି ଶିକ୍ଷାନୁଷ୍ଠାନର ଏଜୁକେସନ ବିଭାଗ ମୁଖ୍ୟ କ୍ଷୀରୋଦିନୀ ବେହେରା ବ୍ୟୟବହୁଳ ଚିକିତ୍ସା ବିନା ଚୁମ୍ବକୀୟ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସମେତ ରାଜଧାନୀର ବହୁ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଅଧ୍ୟାପିକା ବିନିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୫ - ୨୧ ଏପ୍ରିଲ, ୨୦୧୯

# ସ୍ୱଚ୍ଛତା ହିଁ ଗଣତନ୍ତ୍ରର ମୂଳମନ୍ତ୍ର

ରାଜତନ୍ତ୍ର ବିଲୋପ ପରେ ସ୍ୱାଧୀନୋତ୍ତର ଭାରତରେ ଗଣତନ୍ତ୍ର ପ୍ରତିଷ୍ଠା ହେବା ସହିତ ଦେଶରେ ସାମ୍ବିଧାନିକ ସ୍ୱୀକୃତି ସହିତ ଲୋକସଭା ଓ ବିଧାନସଭା ନିର୍ବାଚନ ଆରମ୍ଭ ହେଲା। ଜନଗଣଙ୍କ ଦ୍ୱାରା ଜନତନ୍ତ୍ର ଶାସନରେ ରାଜା ରାଜୁଡାଙ୍କ ଭୂମିକା ଗୌଣ ହୋଇଗଲା। ଦେଶର ଶାସନ ପଦ୍ଧତି ଓ ପରମ୍ପରାରେ ପରିବର୍ତ୍ତନ ଘଟିଲା। ନିର୍ବାଚିତ ପ୍ରତିନିଧିମାନେ ସଂସଦ ବା ବିଧାନସଭାକୁ ଯାଇ ସାଧାରଣ ଲୋକଙ୍କ ପାଇଁ ନିୟମ ପ୍ରଣୟନ କରିବା ସହିତ ସେମାନଙ୍କ ସୁରକ୍ଷା ଓ ପ୍ରଗତି ପ୍ରତି ଦୃଷ୍ଟି ଦେଲେ। ଯେଉଁଥିରେ ଜନଗଣଙ୍କ ବିବିଧ ସମସ୍ୟାର ସମାଧାନ ଏବଂ ନାଗରିକ ଭାବେ ବଞ୍ଚିବାକୁ ଯେଉଁ ଯେଉଁ ମୌଳିକ ଅଧିକାରର ଆବଶ୍ୟକତା ତାହାକୁ ଗୁରୁତ୍ୱ ଦେବା ସହିତ ଦେଶ ତଥା ରାଜ୍ୟର ବିକାଶ ପ୍ରତି ଅଙ୍ଗୀକାରବଦ୍ଧ ହେଲେ। ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବା ପରେ ୧୯୫୧-୫୨ରେ ପ୍ରଥମ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ଭାରତର ଭାଗ୍ୟ ନିର୍ଦ୍ଧାରଣ କରିବା ପାଇଁ ଏହି ନିର୍ବାଚନ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ନିର୍ବାଚନ ଯେପରି ଅପରିହାର୍ଯ୍ୟ ସେହିଭଳି ନିର୍ବାଚିତ ପ୍ରତିନିଧିମାନେ ସ୍ୱଚ୍ଛ ରହିବାର ଆବଶ୍ୟକତା ରହିଛି। ନିର୍ବାଚନରେ ସ୍ୱଚ୍ଛତା ନଥିଲେ ଭାରତ ପରି ଏକ ବିଶାଳ ଦେଶ ପ୍ରଗତି କରିପାରିବ ନାହିଁ। ଏଥିପାଇଁ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତାର ଆବଶ୍ୟକତା ରହିଛି। ଦେଶର ସଚେତନ ନାଗରିକମାନେ ଏହି ପ୍ରକ୍ରିୟାର ଅଂଶବିଶେଷ ହୋଇଥିଲା ବେଳେ ରାଜନୈତିକ ଦଳମାନଙ୍କର ହାତବାରିସି ସାଜିବା ଯୋଗୁ ନିର୍ବାଚନର ସ୍ୱଚ୍ଛତାକୁ ନେଇ ବେଳେ ବେଳେ ଅନେକ ପ୍ରଶ୍ନ ଉଠିଥାଏ। ଏଥିପାଇଁ ନିର୍ବାଚନ ଆୟୋଗ ପ୍ରତିଥର ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଆସୁଥିଲେ ବି ରାଜନୈତିକ ଦଳକୁ ନିୟନ୍ତ୍ରଣରେ ରଖିବା ସହଜ କଥା ନୁହେଁ। ତେଣୁ ନିର୍ବାଚନ ଆୟୋଗ ଦେଶରେ ପର୍ଯ୍ୟାୟକ୍ରମେ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗଣତାନ୍ତ୍ରିକ ନିର୍ବାଚନରେ କୌଣସି ଅନିୟମିତତାକୁ ରୋକାଯିବା ପାଇଁ ନିର୍ବାଚନ କମିଶନ ବିଶ୍ୱାସ ରଖିଥିଲେ ବି ରାଜନୈତିକ ଦଳମାନେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଯଥେଷ୍ଟ ଉପାୟ ଅବଲମ୍ବନ କରୁଛନ୍ତି। ୨୦୧୪ ପରେ ଭାରତରେ ବୈଷୟିକ ଜ୍ଞାନକୌଶଳ ସହାୟତାରେ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଛି। ହଲୋଗ୍ରାମ କ୍ୟାମ୍ପେନିଂ ଭଳି ଯୁଗାନ୍ତକାରୀ ପଦକ୍ଷେପ ଦ୍ୱାରା ପ୍ରଚାର କରି ରାଜନୈତିକ ଦଳ ଲାଭ ଉଠାଉଥିବାର ନଜିର ରହିଛି। ଏହି ହଲୋଗ୍ରାମ କ୍ୟାମ୍ପେନ ଏଭଳି ଏକ ମାଧ୍ୟମ ଯେଉଁଥିରେ ପ୍ରାର୍ଥୀ ଷ୍ଟୁଡିଓରେ ବସି ଦେଶର ବିଭିନ୍ନ ସ୍ଥାନରେ ଏକକାଳୀନ ଭାଷଣ ଦେଇ ଭୋଟରଙ୍କୁ ପ୍ରଭାବିତ କରିପାରେ। ବର୍ତ୍ତମାନ ପ୍ରାର୍ଥୀମାନେ ଡିଜିଟାଲ ପ୍ଲାଟଫର୍ମର ସହଯୋଗ ନେବା ସହିତ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ମଧ୍ୟ କରୁଛନ୍ତି। ଏହା ଉପରେ ନଜର ରଖିବା ତଥା ନିର୍ବାଚନରେ ଅନିୟମିତତାକୁ ରୋକିବା ପାଇଁ ନିର୍ବାଚନ କମିଶନ ସି-ଭିଜିଲ ନାମକ ମୋବାଇଲ ଆପ୍‌ର ପ୍ରୟୋଗ କରିଛନ୍ତି। ଯେଉଁଥିରେ

ସମ୍ପାଦକୀୟ



ତାରକ ମହାନ୍ତି

ଆଚରଣ ବିଧି ଲାଗୁ ହେବା ପରେ ନିର୍ବାଚନ ଅନିୟମିତତା ସମ୍ପର୍କରେ ତଥ୍ୟ ଭିତ୍ତିକ ପ୍ରମାଣ ପଞ୍ଜିକୃତ ହୋଇପାରୁଛି। ଅଦ୍ୟାବଧି ଏଥିରେ ୪୦ ହଜାରରୁ ଉର୍ଦ୍ଧ୍ୱ ନିର୍ବାଚନ ଅନିୟମିତତା ସମ୍ପର୍କରେ ତଥ୍ୟ ପଞ୍ଜିକୃତ ହୋଇଛି। ନାଗରିକ ମାନେ ଏହାର ସୁବିଧା ପାଇବା ପାଇଁ ଆପ୍ ଖୋଲି ନିଜର ଅଭିଯୋଗକୁ ପଞ୍ଜିକୃତ କରାଇ ପାରିବେ। ଅଭିଯୋଗ ଦାଖଲ ହେଲେ ତାହା ସିଧାସଳଖ ନିର୍ବାଚନ ଆୟୋଗଙ୍କ ସର୍ଭରରେ ପହଞ୍ଚି ପାରିବ। ଏଥିରେ ଫଟୋ ଓ ଭିଡିଓ ଉତ୍ତୋଳନ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ଯଦି କୌଣସି ରାଜନୈତିକ ଦଳର ସଦସ୍ୟ କିଛି ବେଆଇନ କାର୍ଯ୍ୟ କରୁଥିବେ କିମ୍ବା ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବେ ତାହାର ଦୃଶ୍ୟ ଏହି ଆପ୍ ଦ୍ୱାରା ଉତ୍ତୋଳନ କରି ନାଗରିକମାନେ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ। ନିର୍ବାଚନ ଆୟୋଗ ଦେଇଥିବା ପ୍ରତିଶ୍ରୁତିରେ ହେଲ୍ପଲାଇନ୍ ମୋବାଇଲ ଆପ୍ ଦ୍ୱାରା ଜଣେ ଭୋଟର ତାଙ୍କ ନିର୍ବାଚନ ସମ୍ପର୍କିତ ବୁଥ୍ ଓ ନମ୍ବର ଜାଣିପାରିବେ। ଏଥିସହିତ ଆଉଏକ ମୋବାଇଲ ଆପ୍ ଦ୍ୱାରା ଜଣେ ଭୋଟରଙ୍କ ତାଲିକାରେ ନାମ ନଥିଲେ ସମାଧାନ ନାମକ ଆପ୍ ଦ୍ୱାରା ଅଭିଯୋଗ କରିପାରିବେ। ଯାହାଫଳରେ ଉକ୍ତ ବ୍ୟକ୍ତିଙ୍କ ସମସ୍ୟାର ସମାଧାନ ହୋଇଯିବ ବୋଲି ନିର୍ବାଚନ ଆୟୋଗ କହିଥିଲେ। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ନିର୍ବାଚନକୁ ସ୍ୱଚ୍ଛ ରଖାଯିବା ପାଇଁ ଆୟୋଗଙ୍କ ତରଫରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇଛି। ହେଲେ ଏହାକୁ ପାଳନ କରିବା ପାଇଁ ରାଜନୈତିକ ଦଳମାନେ ଯେପର୍ଯ୍ୟନ୍ତ ଅଙ୍ଗୀକାରବଦ୍ଧ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ନିର୍ବାଚନରେ ସ୍ୱଚ୍ଛତା ଆସିପାରିବ ନାହିଁ। ବର୍ତ୍ତମାନ ରାଜନୈତିକ ଦଳମାନେ ନିର୍ବାଚନକୁ ଏଭଳି ପ୍ରତିଦ୍ୱନ୍ଦ୍ୱିପୂର୍ଣ୍ଣ କରି ଦେଉଛନ୍ତି ଯେଉଁଥିରେ ସାଧାରଣ ଭୋଟର ବିଚଳିତ ହୋଇପଡିବା ସହିତ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାକୁ ଅସୁବିଧାରେ ମଧ୍ୟ ପଡିପାରେ। ଚଳିତ ନିର୍ବାଚନୀ ଇସ୍ତାହାର ଏବଂ ପୂର୍ବଥରର ଇସ୍ତାହାରରେ ଥିବା ତଥ୍ୟ ଗୁଡିକର ପୁନରାବୃତ୍ତି ହୋଇଛି କି ନାହିଁ ତାହାକୁ ନ ବୁଝି ଏକତରଫା ଭାବେ ସମର୍ଥନ ଦେଲେ ଗଣତନ୍ତ୍ର ପ୍ରତି ଏହା ଶୁଭ ସାବ୍ୟସ୍ତ ହୋଇପାରିବ ନାହିଁ। କାରଣ ନିର୍ବାଚନ ବେଳେ ବିଭିନ୍ନ ରାଜନୈତିକ ଦଳ ତରଫରୁ ଦିଆଯାଉଥିବା ପ୍ରତିଶ୍ରୁତି ସେହି ସମୟକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥାଏ। ଏଥିରେ ଭୋଟରମାନେ ଭଳିଯିବା ସ୍ୱାଭାବିକ। ତେଣୁ ଭୋଟରମାନେ ନିଜେ ସଚେତନ ରହି ପୂର୍ବ ଏବଂ ପର ଇସ୍ତାହାର ଗୁଡିକୁ ତର୍ଜମା କରିବାର ଆବଶ୍ୟକତା ରହିଛି। ଅତୀତରେ ଦିଆଯାଇଥିବା ପ୍ରତିଶ୍ରୁତି ଠିକ୍ ରୂପେ ପୂରଣ କରାଯାଇଛି କି ନାହିଁ ଏବଂ ବର୍ତ୍ତମାନ ଦିଆଯାଉଥିବା ପ୍ରତିଶ୍ରୁତି ଠିକ୍ ଭାବେ ପୂରଣ ହୋଇପାରିବ କି ନାହିଁ ଏହି ଦୁଇଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ। ହାତୀ ଦେବି, ଘୋଡା ଦେବି ଭଳି ବକ୍ତବ୍ୟ ରଖୁଥିବା ନେତାମାନଙ୍କ ପ୍ରତି ଭୋଟରମାନେ ଆକୃଷ୍ଟ ନହୋଇ ବାସ୍ତବ କ୍ଷେତ୍ରରେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଯିଏ ଅଣ୍ଟା ଭିଡିଥିଲା କିମ୍ବା ଭିଡିବାର ଆଶା ରହିଛି ସେଭଳି ପ୍ରାର୍ଥୀଙ୍କୁ ଭୋଟ ଦେବା ଦରକାର। କିଛି ରାଜନୈତିକ ଦଳ ନିଜର ମୁରବୀଙ୍କ ମୁଣ୍ଡ ଥୋଇ ପ୍ରଚାର ମଇଦାନରେ ଭୋଟ ଭିକ୍ଷା କରୁଥିବାର ଅନେକ ଦୃଷ୍ଟାନ୍ତ ରହିଛି। ହେଲେ ପ୍ରଚାରରେ ଦିଶୁଥିବା ମୁଣ୍ଡ ପରି ଅନ୍ୟମାନଙ୍କ ମୁଣ୍ଡ ସମାନ ସ୍ତର ବା ସ୍ଥିତିରେ ରହିଛି କି ନାହିଁ ଏହାକୁ ପରୀକ୍ଷା କରିବା ଦାୟିତ୍ୱ ହେଉଛି ଭୋଟରଙ୍କର। କାହାଦ୍ୱାରା ପ୍ରଭାବିତ ହୋଇ ବା ପ୍ରଲୋଭିତ ହୋଇ ମତସାବ୍ୟସ୍ତ କଲେ ତାହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଥାଏ। ନିକଟରେ ଆମ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ଗ୍ରହଣ ସରିଛି। ଫଳାଫଳ ଯାହା ହେଉନା କାହିଁକି ଏ ସମସ୍ତ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ରରେ ନିର୍ବାଚନ ପ୍ରଚାରର ରୂପରେଖ କିଭଳି ଥିଲା ତାହାକୁ ଅନୁଶୀଳନ କଲେ ଆଗାମୀ ଦିନରେ ଏହାର ପ୍ରଭାବ କିଭଳି ପଡିବ ତାହା ସ୍ପଷ୍ଟ ଅନୁମେୟ ହୁଏ। ଭୋଟରଙ୍କ ମନରେ ବିଶ୍ୱାସ ଜନ୍ମାଇ ପାରୁଥିବା ଦଳ ଏବଂ ସେମାନଙ୍କ ଭରସାଯୋଗ୍ୟ ହୋଇଥିବା ପ୍ରାର୍ଥୀ ହିଁ ଜିତିପାରିବ ବୋଲି ଆଶା କରାଯାଏ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସିବିଆଇ ତାଲିକାଭୁକ୍ତ ନେତାଙ୍କ ରାଜନୀତି ମଇଦାନ



ଡାକ୍ତର ନୀଳମାଧବ ପୃଷ୍ଟି

ଚଳିତଥରର ନିର୍ବାଚନ ଓଡ଼ିଶା ରାଜନୀତି ପାଇଁ ବହୁତ ବଡ଼ ଘଟଣାବହୁଳ ଏହି ନିର୍ବାଚନରେ ତଥାକଥିତ ଭେଟେରାନମାନେ ଦଳ ଡିଆଁ ମାରିଛନ୍ତି ତ ଅନେକ ସୁପ୍ରିମୋଙ୍କ ବିଶ୍ୱସନୀୟତା ହରାଇ ଟିକେଟ ଖଣ୍ଡକକୁ ମୁଣ୍ଡ ବି ହୋଇନାହାନ୍ତି। ଏପରିକି ମହା ମହା ଟାଣୁଆ କୁହାଯାଉଥିବା ବଡ଼ ବଡ଼ ନେତାମାନେ ଶେଷ ମୁହୂର୍ତ୍ତରେ ପ୍ରବଳ ଚାପ ଭିତରେ ଟିକେଟ ଖଣ୍ଡିକ ହାତେଇବାରେ ସକ୍ଷମ ହୋଇଛନ୍ତି। ବିଜେଡ଼ି କୁହନ୍ତୁ କଂଗ୍ରେସ ବା ବିଜେପି ସବୁ ଦଳ ଭିତରେ କିନ୍ତୁ ଗୋଷ୍ଠୀ କନ୍ଦଳ, ଦଳ ଡିଆଁ ଓ ଟିକେଟ ପାଇଁ ହାତାହାତି ରୋଚକ ଖବର ପାଲଟିଛି। ତେବେ ଏହା ଭିତରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣାଟି କେବଳ ରାଜ୍ୟବାସୀ ନୁହେଁ ରାଜନୈତିକ ସମୀକ୍ଷକ ମାନଙ୍କୁ ମଧ୍ୟ ଚକିତ କରିଛି। ତାହା ହେଉଛି ଦୁର୍ନୀତି ବା ଲୋକପ୍ରିୟତାର ଟିକିଏ ଦାଗ ଲାଗିଲେ ତତ୍କାଳ ପଦପଦବୀ ବା ଦଳରୁ ଫୋପାଡି ଦେଉଥିବା ନେତାଙ୍କୁ ବିଜେଡ଼ି ସୁପ୍ରିମୋ ଦଳୀୟ ଟିକେଟ ଦେବା ପାଇଁ ଏକ ପ୍ରକାର ବାଧ ହୋଇଛନ୍ତି। ଚିଟ୍‌ଫଣ୍ଡ ପ୍ରସଙ୍ଗ ହେଉ ବା ଦୁର୍ନୀତି ମାମଲା ଏଥିରେ କାଳିମା ଲେସି ହୋଇଥିବା ଅନେକ ନେତା ବିଜେଡ଼ି ଟିକେଟ ପାଇବା ପାଇଁ ଆପ୍ରାଣ ଉଦ୍ୟମ କରି ସକ୍ଷମ ହୋଇଛନ୍ତି। ଓଡ଼ିଶାରେ ରାଜନୈତିକ ଟକରା ଟକରି ଭିତରେ ବିଜେଡ଼ି ସୁପ୍ରିମୋ ଏକ ବଡ଼ ମନ୍ତବ୍ୟ ଦେଇଥିଲେ ଯାହାକି ଭାରତୀୟ ରାଜନୀତିକୁ ହଇଚଇ କରିଥିଲା। ସେ କହିଥିଲେ ଯେ ବିଜେଡ଼ି କେନ୍ଦ୍ରରେ କିଙ୍ଗ ମେକର ଭୂମିକା ନିର୍ବାହ କରିବ। ବିଜେଡ଼ି ପରି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ କେନ୍ଦ୍ର ସରକାର ଗଠନରେ କିଙ୍ଗ ମେକର ଭୂମିକା ନିର୍ବାହ କରିବାର ଯୋଗ୍ୟତା ରଖିଛି ନିଶ୍ଚୟ। କିନ୍ତୁ ଏହି ମନ୍ତବ୍ୟଟି ରାଜନୀତିରେ ଗୋଳିଆ ପାଣିକୁ ଆହୁରି କାଦୁଆ କରିଦେଇଛି। କୁହାଯାଉଛି ଏହି ଚିଟ୍‌ଫଣ୍ଡ କଳଙ୍କର ନାୟକ, ମହାନାୟକ ମାନଙ୍କୁ ସୁପ୍ରିମୋ ଟିକେଟ ଦେବାରେ ଏହା ତାଙ୍କର ନିର୍ବାଚନୀ ରଣକୌଶଳ ନା ରାଜନୈତିକ ବାଧ୍ୟବାଧକତା।

ଗତ ୨୦୧୭ ପଞ୍ଚାୟତ ନିର୍ବାଚନରେ ଓଡ଼ିଶାରେ ବିଜେପି ତାର କାୟା ବିସ୍ତାର କରି ନରେନ୍ଦ୍ର ମୋଦିଙ୍କ ବିକାଶର ଫୋକସକୁ ଆଗେଇ ନେଇ ଭଲ ଫଳ ପ୍ରଦର୍ଶନ କରିଥିଲା ଯାହା ବିଜେଡ଼ି ପରି ଦଳକୁ ହାର୍ଟବିଟ ବଢ଼ାଇବା ପାଇଁ ଯଥେଷ୍ଟ ଥିଲା। ତେବେ ଏହି ନିର୍ବାଚନର ବିଫଳତା ଦୁଇଜଣ ମନ୍ତ୍ରୀଙ୍କ ମୁଣ୍ଡ ନେଇଥିଲା। ଦେବୀ ମିଶ୍ର ଓ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ପରି ଟାଣୁଆ ନେତାଙ୍କ ନିର୍ବାଚନ ମଣ୍ଡଳୀରେ ବିଜେପିର ପଦ୍ମ ଯେଉଁପରି ଫୁଟିଥିଲା ତାହାର ମୂଲ୍ୟ ସେମାନଙ୍କ ପାଇଁ ବେଶ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଚିଟଫଣ୍ଡ ମାମଲାରେ ଅରୁଣ ସାହୁ କୁହନ୍ତୁ ବା ଦେବୀ ମିଶ୍ର ବା ସଞ୍ଜୟଦାଶ ବର୍ମା, ଅତନୁ ସବ୍ୟସାଚୀଙ୍କ ଠାରୁ ପ୍ରଦୀପ ପାଣିଗ୍ରାହୀଙ୍କ ପର୍ଯ୍ୟନ୍ତ ଅନେକଙ୍କ ନାମରେ ଦାଗ ଉଠିଥିଲା। ପ୍ରଦୀପ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ଖାସ ହୋଇ ମଧ୍ୟ କ୍ୟାବିନେଟରୁ ବିଦା ହୋଇଥିଲେ କିନ୍ତୁ ସମାନ ଅଭିଯୋଗ ଥାଇ ମଧ୍ୟ ବ୍ରହ୍ମପୁରର ଆନ୍ନା ସୂର୍ଯ୍ୟନାରାୟଣ ପାତ୍ର ମନ୍ତ୍ରୀମଣ୍ଡଳରେ ରହିପାରିଥିଲେ। ଚଳିତଥର ନିର୍ବାଚନ ପୂର୍ବରୁ ଚିଟଫଣ୍ଡ ମାମଲାରେ ବିଜେଡିର ଭେଟେରାନ ଅରୁଣ ସାହୁ ଓ ଅତନୁ ସବ୍ୟସାଚୀଙ୍କ ସିବିଆଇ ଦ୍ୱାରା ଡାକରା ରାଜ୍ୟ ରାଜନୀତିକୁ ସରଗରମ କରିଥିଲା। ଯଦିଓ ପରେ ଏହା ଫୁସ୍ ହୋଇଗଲା। ବିଜେଡ଼ି ତାର ମୟୂରଭଞ୍ଜ ସାଂସଦ ରାମଚନ୍ଦ୍ର ହାଂସଦାଙ୍କୁ ଏହି ଚିଟଫଣ୍ଡ ମାମଲାରେ ଦଳରୁ ବିଦା କରିବା ପରେ ସେ ଜେଲରେ ଥିଲେ। ବାଲେଶ୍ୱରର ସାଂସଦ ରବୀନ୍ଦ୍ର ଜେନା ସିସୋର ଗ୍ରୁପ୍ ଠକେଇ ମାମଲାରେ ୨୦୧୫ ଜାନୁଆରୀ ୧୫ ତାରିଖରେ ସିବିଆଇର ଛଅ ଘଣ୍ଟା ଜେରାକୁ ସାମ୍ନା କରିଥିଲେ ଏହାପରେ ୨୦୧୭ ଜାନୁଆରୀ ୧୨ ତାରିଖରେ ସିବିଆଇ ତାଙ୍କ ଘର ରେଡ଼ କରିଥିଲା। ମନ୍ତ୍ରୀ ଦେବୀ ମିଶ୍ରଙ୍କ ବ୍ୟକ୍ତିଗତ ସହାୟକ ପ୍ରଫୁଲ୍ଲ ସିଂହ ହୁଅନ୍ତୁ ବା ସରୋଜ ସାହୁ ସମସ୍ତେ ସିବିଆଇର ଜେରାକୁ ସାମ୍ନା କରିଛନ୍ତି। ଚଳିତ ନିର୍ବାଚନରେ ପ୍ରଭାତ ତ୍ରିପାଠୀ ଓ ପ୍ରଭାତ ବିଶ୍ୱାଳ ଏହି ଦୁଇଜଣ ବିଜେଡ଼ି ନେତା ନିଜେ ଟିକେଟ ନପାଇଥିଲେ ମଧ୍ୟ ସେମାନଙ୍କ ପିଲାମାନେ ଦଳୀୟ ଟିକେଟ ପାଇଛନ୍ତି। ୨୦୦୯ ମସିହା ନିର୍ବାଚନ ପରେ ଓଡ଼ିଶାରେ ଖଣି ଦୁର୍ନୀତି ମାମଲା ହଇଚଇ ସୃଷ୍ଟି କରିଥିଲା। କିନ୍ତୁ ଏହି ଦୁର୍ନୀତିକୁ ସରକାରୀ ଭାବେ ସ୍ୱୀକାର କରାଯାଇଥିଲେ ମଧ୍ୟ ସିବିଆଇ ତଦନ୍ତକୁ ବାଟବଣା କରିବାରେ ବିଜେଡ଼ି ସଫଳ ହୋଇଥିଲା। କିନ୍ତୁ ଏ ସବୁ ସତ୍ତ୍ୱେ ୨୦୧୪ ନିର୍ବାଚନରେ ସମଗ୍ର ଭାରତରେ ନରେନ୍ଦ୍ର ମୋଦିଙ୍କ ଯାଦୁ କାମ କରିଥିବାବେଳେ ନବୀନଙ୍କ ନେତୃତ୍ୱର ବିଜେଡ଼ି ଓଡ଼ିଶାରେ ରେକର୍ଡ଼ ସଫଳତା ପାଇଥିଲା। ୧୯୯୦ରେ ବିଜୁ ବାବୁଙ୍କ ରେକର୍ଡ଼ ଯଦିଓ କେହି ଭାଙ୍ଗି ପାରିନାହାନ୍ତି ତଥାପି ୧୧୭ଟି ଆସନର ବିଜୟ ଟୀକା ବିଜେଡ଼ି ପାଇଁ ହିମାଳୟ ଆରୋହଣ ପରି ଥିଲା। ପ୍ରଥମରୁ ନରେନ୍ଦ୍ର ମୋଦିଙ୍କ ଜାତୀୟ ନେତୃତ୍ୱକୁ ଭଲ ପାଉନଥିବା ନବୀନ ବାବୁ ପରବର୍ତ୍ତୀ ରାଜନୈତିକ ଘଟଣାଚକ୍ରରେ ବାଧ ହୋଇଥିଲେ ତାଙ୍କ ସହ ସମ୍ପର୍କ ଯୋଡ଼ିବା ପାଇଁ। ଚିଟଫଣ୍ଡ ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ସୁପ୍ରିମ କୋର୍ଟରୁ ମିଳିବା ପରେ ବିଜେଡ଼ିର କିଛି ସାଂସଦ ଓ ବିଧାୟକ ଜେଲ ଯାଇଥିଲେ। ଅନେକ ସିବିଆଇର ଖାପଚାରେ ପଡ଼ି ପଚରା ଉଚରାରେ ଝାଳନାଳ ମଧ୍ୟ ହୋଇଯାଇଥିଲେ। ସେହିପରି ବହୁ ଚର୍ଚ୍ଚିତ ବ୍ଲାକରୋଜ ଯହାଜ ବୁଡ଼ି ଘଟଣା ଓ ଖଣି ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଶାହା କମକିଶନ ସୁପାରିଶ କରିବା ସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଅନୁମୋଦନ ମଧ୍ୟ ଦେଇସାରିଛନ୍ତି କିନ୍ତୁ ତଦନ୍ତର ବାଟବଣା କରିବାରେ ବିଜେଡ଼ି ସଫଳ ହୋଇଛି। କୁହାଯାଉଛି ବିଜେଡ଼ିରୁ ଟିକେଟ ନପାଇ ଯେଉଁପରି ନେତାମାନେ ଦଳ ଡିଆଁ ମାରୁଛନ୍ତି ସେମାନଙ୍କୁ ନିଜ ଗୋଠରେ ରଖିବା ପାଇଁ ନବୀନ ବାବୁ ଟିକେଟ ଦେବା ପାଇଁ ବାଧ୍ୟବାଧକତାକୁ ଆପଣାଇଛନ୍ତି। ନବୀନ ବାବୁଙ୍କ କିଙ୍ଗ ମେକର ତଥ୍ୟ ଅତି ସୁସ୍ପଷ୍ଟ। କେନ୍ଦ୍ରରେ ଏନଡ଼ିଏ ପୂର୍ଣ୍ଣ ବହୁମତ ନପାଇଲେ ଖେଚୁଡ଼ି ସରକାରରେ ବିଜେଡ଼ି ସାମିଲ ହେବାର ବଡ଼ ସମ୍ଭାବନା ରହିଛି। ତାହାହେଲେ ଖଣି କୁହନ୍ତୁ ବା ବ୍ଲାକରୋଜ ବା ଚିଟଫଣ୍ଡ ମାମଲା ସବୁ ସିବିଆଇର ଫାଇଲ ଭିତରେ ଅଟକି ଧୂଳି ଖାଇବ ନିଶ୍ଚୟ। ଯାହାଦ୍ୱାରା ସିବିଆଇ ତାଲିକାଭୁକ୍ତ ନେତାମାନେ ସିବିଆଇ ଖୁଆଡ଼ର ଘୋଷଡ଼ାରୁ ବର୍ତ୍ତି ଯିବେ। କିନ୍ତୁ ଅନ୍ୟ ଏକ ଦିଗକୁ ରାଜନୈତିକ ସମୀକ୍ଷକମାନେ ବେଶ ଗୁରୁତ୍ୱ ଦେଉଛନ୍ତି। କେନ୍ଦ୍ରରେ ଏନଡ଼ିଏ ଯଦି ବହୁମତ ପାଇଲା ଆଉ ରାଜ୍ୟରେ ବିଜେଡ଼ି ଯଦି ପୂର୍ବ ସଂଖ୍ୟା ଗରିଷ୍ଠ ତୁଳନାରେ ନିଜ କିଛି ସିଟ ହରାଇଲା ତାହାଲେ ଓଡ଼ିଶା ରାଜନୀତିର ଯେଉଁପରି ଘଟଣା ପ୍ରଭାବ କଡ଼ ଲେଉଟାଇବ ତାହାଲେ ଯେଉଁ ସ୍ଥିତି ଉପୁଜିବ ତାହାକୁ ବିଜେଡ଼ି କିପରି ସମ୍ଭାଳିବ? ପଶ୍ଚିମବଙ୍ଗରେ ତୃଣମୂଳର ଫାୟାର ବ୍ରାଣ୍ଡ ନେତ୍ରୀ ମମତା ବାନାର୍ଜୀଙ୍କ ଦଳ ଓ ସରକାର ଚିଟଫଣ୍ଡ ମାମଲାରେ ଯେଉଁପରି ଭାବରେ ବୁଡ଼ିଛନ୍ତି ତାହାର ଫଳ ଖୁବ୍ ଶୀଘ୍ର ମିଳିବାକୁ ଯାଉଥିବାବେଳେ ଓ ବିଜେପି ସେଠାରେ ନିଜର ଶକ୍ତି ବଢ଼ାଇ ପାରୁଥିବା ସମୟରେ ଏହାର ପ୍ରଭାବ ଓଡ଼ିଶା ରାଜନୀତିକୁ ପ୍ରଭାବିତ କରିବାର ବଡ଼ ସମ୍ଭାବନା ରହିଛି। ରାଜନୀତିରେ ଯଦି କିନ୍ତୁ ପରନ୍ତୁ ଦେଖିବା, ଅପେକ୍ଷା ଏସବୁ ଏକ ଆପେକ୍ଷିକ ଶବ୍ଦ। କିନ୍ତୁ ଓଡ଼ିଶାରେ ବିଜେଡ଼ି ଦୁର୍ନୀତିର କଳଙ୍କର ଦାଗୀ ମାନଙ୍କୁ ଯେଉଁପରି ବାଧ୍ୟବାଧକତାରେ ଲୋକମାନଙ୍କ ପାଖକୁ ବିଶ୍ୱାସ ଆଣିବା ପାଇଁ ପଠାଇଛି ତାହା ନିଶ୍ଚିନ୍ତ ଭାବେ ଏକ ବହୁତ ବଡ଼ ରାଜନୈତିକ ରିସ୍କ। ବିଜେଡ଼ି ସୁପ୍ରିମୋ ନବୀନ ବାବୁ ସଫଳ ଗୋଟି ଚାଳନା ଓ ରାଜନୈତିକ ମାଷ୍ଟର ଷ୍ଟ୍ରୋକ ଖେଳିବାରେ ମାହିର। ତେବେ ଖୁବ୍ ଶୀଘ୍ର ଏହି ବାଧ୍ୟବାଧକତା ବା ଦୁର୍ବଳତାର ପ୍ରମାଣ ଓଡ଼ିଶାବାସୀ ପାଇଯିବେ।

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*

# ଟିକେଟରୁ ବଞ୍ଚିତ ଦଳର ଗଣ ଚେହେରା



ବାଦଲ ଭୂୟାଁ

ରାଜନୈତିକ ଦଳର ସମସ୍ତ ବକ୍ତବ୍ୟ, ତଥ୍ୟ, ସୂଚନାର ଅଧିକାରୀ ହେଉଛନ୍ତି ଦଳୀୟ ପ୍ରବକ୍ତା ବା ଗଣମାଧ୍ୟମ ଚେହେରା। ସବୁବେଳେ ଟେଲିଭିଜନ ବିତର୍କ ହେଉ ବା ପ୍ରେସ୍‌ମିଟ। ଦଳର ସବିଶେଷ ମଜଭୁତ୍ ତଥ୍ୟଭିତ୍ତିକ ପକ୍ଷ ଏମାନେ ରଖିବା ସହ ବିରୋଧିଙ୍କ ବୟାନ ଉପରେ ଝପଟି ପଡ଼ି ସେମାନଙ୍କ ଉତ୍ତରରେ ବିରୋଧୀଙ୍କ ମୁହଁରେ ତୁଣ୍ଡି ଲଗାଇ ଦେଇଥାନ୍ତି। କିନ୍ତୁ ଚଳିତ ନିର୍ବାଚନରେ ଏହି ଟିଭି ଚେହେରାମାନେ ରାଜନୀତିର ମଇଦାନରେ ପଛୁଆ ପାଲଟି ଯାଇଛନ୍ତି। ପ୍ରଶ୍ନ ଉଠୁଛି ସତରେ କ'ଣ ସେମାନଙ୍କ ଦଳ ସେମାନଙ୍କୁ ନିଜ ବିଶ୍ୱାସକୁ ନେଇନାହିଁ? ନାଁ ସେମାନଙ୍କର ଲୋକପ୍ରିୟତା ଭୋଟବ୍ୟାଙ୍କରେ ପରିବର୍ତ୍ତନ ହୋଇପାରିବ ନାହିଁ? ବଡ଼ ବଡ଼ ଦଳ କୁହାଯାଉଥିବା କଂଗ୍ରେସ ହେଉ ବା ବିଜେପି, ବିଜେଡ଼ି ମଧ୍ୟ ଏହି ତିନୋଟି ଓଡ଼ିଶାର ବଡ଼ ଦଳର ପ୍ରବକ୍ତାମାନେ ଏଥରକ ରାଜନୀତି ଲଢ଼େଇର ମଇଦାନରୁ ଦୂରେଇ ଯାଇଛନ୍ତି। ପ୍ରଥମେ ବିଜେଡ଼ି କଥା ଆଲୋଚନା କରିବା। ଏହାର ବଡ଼ ମୁଖପାତ୍ର ହେଉଛନ୍ତି ସସ୍ମିତ ପାତ୍ର। ସେହିପରି ସୁଲଚନା ଦାସ, ସୁଲୋଚା ଦେଓ, ଦେଜସ୍ୱର ପରିଡ଼ା, ବିଜୟ ନାୟକ ଓ ମାନସ ମଙ୍ଗରାଜଙ୍କ ପରି ଦଳର ବଡ଼ ଜ୍ଞାନୀଗୁଣୀ ଓ ଅଭିଜ୍ଞ ପ୍ରବକ୍ତା ଚଳିତ ନିର୍ବାଚନ ଟିକେଟ ପାଇନାହାନ୍ତି। ଟିଭି ପରଦା କୁହନ୍ତୁ ବା ବିଜେଡ଼ିର ଦଳୀୟ ପ୍ରେସମିଟ ଏମାନେ ତଥ୍ୟଭିତ୍ତିକ ଜବାବରେ କଂଗ୍ରେସ ଓ ବିଜେପିକୁ ଘାଇଲା କରିଦେବାର ଶକ୍ତି ରଖିଛନ୍ତି। ଲୋକପ୍ରିୟତାରେ ମଧ୍ୟ ଏମାନଙ୍କର ଉଚ୍ଚତା କିଛି କମ ନୁହେଁ। ତେବେ ଦଳର ସୁପ୍ରିମୋ ନବୀନଙ୍କ ଆସ୍ଥାଭାଜନ ହୋଇନାହାନ୍ତି। ସୁଲତା ଦେଓ ଓ ବିଜୟ ନାୟକ ବରୀ ନିର୍ବାଚନ ମଣ୍ଡଳୀ ପାଇଁ ଚର୍ଚ୍ଚାରେ ଥିଲେ ଯଦିଓ ଏଠାରେ ନବୀନ ବାବୁଙ୍କ ଖାସ କୋଠାରୀ କୁହାଯାଉଥିବା ତାଙ୍କ ରାଜନୀତିର ପ୍ରଥମ ପାହାଚରେ ସେ ମନ୍ତ୍ରୀ ଥିବାବେଳେ ଓଏସଡ଼ି ଥିବା ଦେବାଶିଷ ବାବୁ ବିଜେଡ଼ିର ବରୀ କ୍ଷେତ୍ର ପାଇଁ ବଡ଼ଦାବୀଦାର ତଥାପି ଏ କ୍ଷେତ୍ର ପାଇଁ ଦଳ ଅନ୍ୟ ଜଣେ ସୁନ୍ଦଦା ଦାସଙ୍କୁ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସର ପ୍ରବକ୍ତା ଭାବେ ବେଶ ନାଁ କରିଥିବା ଓ ପରେ ଦଳ ଛାଡ଼ି ବିଜେଡ଼ିକୁ ଆସି ଦଳୀୟ ପ୍ରବକ୍ତା ଭାବେ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସୁଲୋଚନା ଦାସ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ପାଇଁ ବଡ଼ ଦାବିଦାର ଥିଲେ ହେଲେ ତାଙ୍କ ବଦଳରେ ଦଳ ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କୁ ପ୍ରାର୍ଥୀ କରିଛି। ବିଜେଡ଼ିର ଗଣମାଧ୍ୟମ କ୍ଷେତ୍ର ପାଇଁ ସାଧାରଣ ସମ୍ପାଦକ ଭାବେ ମାନସ ମଙ୍ଗରାଜ ଜଣେ ପରିଚିତ ଚେହେରା। ଚିଲିକା ଆସନ ପାଇଁ ସେ ନିଜକୁ ଏକ ପ୍ରକାର ପ୍ରସ୍ତୁତ କରିସାରିଥିଲେ ହେଲେ ବିଜେଡ଼ିର ବେଗୁନିଆ ବିଧାୟକ ଥିବା ପ୍ରଶାନ୍ତ ଜଗଦେବଙ୍କୁ ଦଳ ସେ କ୍ଷେତ୍ର ପାଇଁ ଥଇଥାନ କରିବା ଦ୍ୱାରା ମାନସ ମଙ୍ଗରାଜଙ୍କ ପାଇଁ ରାସ୍ତାରେ ବାଡ଼ ପଡ଼ିଯାଇଛି। ବିଜେଡ଼ିର ଦଳୀୟ ପ୍ରବକ୍ତା ଭାବେ ଭେଟରାନ ତେଜେଶ୍ୱର ପରିଡ଼ା ବିତର୍କ କ୍ଷେତ୍ରରେ ଜଣେ ଯୁବ ପ୍ରବକ୍ତା ଭାବେ ଯେଉଁପରି ତଥ୍ୟଭିତ୍ତିକ ଉପସ୍ଥାପନ ରଖନ୍ତି ତାହା ତାଙ୍କ ବିରୋଧି ଦଳର ପ୍ରବକ୍ତା ମାନଙ୍କୁ ଅଡୁଆରେ ପକାଇ ଦେଇଥାଏ। ପାଟକୁରା ସିଟ ପାଇଁ ସେ ଟିକେଟ ଆଶାୟୀ ଥିଲେ ମଧ୍ୟ ଦଳ ବେଦପ୍ରକାଶ ଅଗ୍ରୱାଲଙ୍କ ଉପରେ ଆସ୍ଥା ପ୍ରକଟ କରିଛି ଯଦିଓ ଏହି ରିପୋର୍ଟ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ବେଦପ୍ରକାଶ ବାବୁଙ୍କ ଟିକେଟ କଟିପାରେ ବୋଲି ସମ୍ଭାବନା ରହୁଛି।

ଓଡ଼ିଶା ବିଜେପିର ପ୍ରଭାବଶାଳୀ ଓ ବରିଷ୍ଠ ପ୍ରବକ୍ତା ଭାବେ ଗୋଲାକ ମହାପାତ୍ର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଗଣମାଧ୍ୟମ ବ୍ୟକ୍ତିତ୍ୱ। ପୂର୍ବ ନିର୍ବାଚନରେ ସେ ଉତ୍ତର ଭୁବନେଶ୍ୱରରୁ ପ୍ରତିଦ୍ୱନ୍ଦ୍ୱୀତା କରିଥିବାରୁ ଚଳିତ ଥର ଟିକେଟ ପାଇବେ ବୋଲି ସେ ମନସ୍ଥିର କରିସାରିଥିଲେ ହେଲେ ଦଳ ଅପରାଜିତା ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। ସେହିପରି ବିଜେପିର ରାଜ୍ୟ ଉପସଭାପତି ତଥା ତଥ୍ୟଭିତ୍ତିକ ବିତର୍କରେ ମାହିର ସମୀର ମହାନ୍ତି ଭୁବନେଶ୍ୱର ଏକାମ୍ର ଆସନରୁ ପୂର୍ବରୁ ଛିଡ଼ା ହୋଇଥିବାରୁ ନିଜ ବର୍ଷ ବର୍ଷର ଅଭିଜ୍ଞତାକୁ ପାଥେୟ କରି ଚଳିତଥର ଟିକେଟ ପାଇବେ ବୋଲି ନିଜକୁ ପ୍ରସ୍ତୁତ କରିସାରିଥିଲେ। ହେଲେ ଦଳ ତାଙ୍କୁ ଟିକେଟରୁ ମୁହଁ ଫେରାଇବା ପାଇଁ ବାଧ କରି ବରଂ ଚଳିତ ନିର୍ବାଚନ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରବକ୍ତା ଭାବେ ଦାୟିତ୍ୱ ସମର୍ପିଛି। ସେହିପରି ସୁଦୀପ୍ତ ରାୟ ମଧ୍ୟ ଟିକେଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ବରଂ ବିଶ୍ୱରଞ୍ଜନ ବଡ଼ଜେନା ନୂଆ ଚେହେରା ଭାବେ ତାଙ୍କ ଯୋଗ୍ୟତାକୁ ଦଳ ପ୍ରାର୍ଥୀତ୍ୱ ଭାବେ ମନୋନୀତ କରିଛି। ଓଡ଼ିଶା ବିଜେପିର ଫାୟାର ବ୍ରାଣ୍ଡ ତଥା ଅଗ୍ନିବର୍ଷୀ ମୁଖପାତ୍ର ତଥା ଟିଭି ପ୍ରବକ୍ତା ଭାବେ ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର ଜଣେ ପରିଚିତ ଚେହେରା। ତାଙ୍କୁ ନୀଳଗିରି ବା ପିପିଲି ବିଧାନସଭା କିମ୍ବା ପୁରୀ ଲୋକସଭା ଆସନ ପାଇଁ ଦଳ ଟିକେଟ ଦେବାର ବଡ଼ ସମ୍ଭାବନା ସୃଷ୍ଟି ହୋଇଥିଲା। ଦଳର ଜାତୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କୁ ପୁରୀ ଟିକେଟ ପ୍ରଦାନ କରିଥିଲେ ବି ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ନିରାଶ ହେବାକୁ ପଡ଼ିଛି। ତେବେ ଏହା ଭିତରେ ଜାତୀୟ ଦଳ କଂଗ୍ରେସ ବି ପଛରେ ପଡ଼ିନାହିଁ। କଂଗ୍ରେସର ଦକ୍ଷ ଟିଭି ଚେହେରା ସୋନାଲି ସାହୁ ମଧ୍ୟ ଟିକେଟରୁ ବଞ୍ଚିତ ହୋଇଛନ୍ତି। ସେହିପରି ଦଳର ଅନ୍ୟତମ ପ୍ରବକ୍ତା ବିଶ୍ୱରଞ୍ଜନ ମହାନ୍ତି ଯିଏ କି ଗତଥର ଦଳର ନିମାପଡ଼ା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଥିଲେ। ତେବେ ଚଳିତ ନିର୍ବାଚନରେ ସେ ନିଜକୁ ଦୂରେଇ ନେଇଛନ୍ତି ବୋଲି କେହି କେହି ମତ ଦେଉଥିବା ବେଳେ ଦଳ କିନ୍ତୁ ତାଙ୍କ ଉପରେ ଭରଷା କରିନାହିଁ। ଯଦିଓ ରାଜ୍ୟ କଂଗ୍ରେସ ଓଡ଼ିଶାର ଅନ୍ୟତମ ପ୍ରବକ୍ତା ତଥା ବିଶିଷ୍ଟ ସାମ୍ବାଦିକ ସତ୍ୟପ୍ରକାଶ ନାୟକଙ୍କୁ ପୁରୀ ଲୋକସଭା ସିଟ ପାଇଁ ଟିକେଟ ଦେଇଛି। କଂଗ୍ରେସ ତା ପରେ ତୃଣମୂଳ କଂଗ୍ରେସ ଓ ପୁଣି କଂଗ୍ରେସକୁ ବାହୁଡ଼ିଥିବା ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଜଣେ ଅନୁଭବୀ ଓ ଦକ୍ଷ ନେତା। କଂଗ୍ରେସକୁ ଆସିବା ପରେ ସେ ଉପସଭାପତି ହେବା ସହ ଗୁରୁତ୍ୱପୂର୍ଣ୍ଣ ପ୍ରବକ୍ତା ଭାବେ କାର୍ଯ୍ୟ କରିଛନ୍ତି। ଭୁବନେଶ୍ୱରର ବିଧାନସଭା କ୍ଷେତ୍ର ପାଇଁ ସେ ଜଣେ ବଡ଼ ଦାବିଦାର ହୋଇଥିଲେ ମଧ୍ୟ ଦଳ କିନ୍ତୁ ତାଙ୍କୁ ଟିକେଟ ପ୍ରଦାନ କରିନାହିଁ। ଦଳର ପ୍ରବକ୍ତାମାନେ ଯେ ଟିକେଟ ପାଇବେ ଏହା କୌଣସି ଦଳୀୟ ବ୍ୟବସ୍ଥା ଭିତରେ ବାଧ୍ୟବାଧକତାର ନିୟମ ଭିତରେ ବନ୍ଧା ହୋଇନାହିଁ। କିନ୍ତୁ ଦଳର ପ୍ରବକ୍ତା ବା ମୁଖପାତ୍ର ହୋଇଥିବାରୁ ଦଳ ଓ ଜନସାଧାରଣଙ୍କ ଭିତରେ ସେମାନେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରିଥାନ୍ତି। ଗଣମାଧ୍ୟମର ଚେହେରା ମାନେ ଚଳିତ ନିର୍ବାଚନରେ ଦୂରେଇ ରହୁଥିବାରୁ ଦଳର ଭୋଟ ରାଜନୀତି କେତେ ଲାଭ ଓ କ୍ଷତିର ଅଙ୍କ କଷୁଛି ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିଯିବ।

*ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*

# ମାନବ ଜୀବନର ଦଶ ମହାଯଜ୍ଞ

ଯୋଗୀ ଗଣେଶ୍ୱର

ଭାଗ-୦୧

କର୍ମମୟ ଜଗତରେ ଦୈନନ୍ଦିନ ସମସ୍ତପ୍ରାଣୀ କିଛି ନା କିଛି କର୍ମ କରନ୍ତି। ପରସ୍ପରକୁ ସହାୟତା କରିବା ଉଦ୍ଦେଶ୍ୟରେ ପ୍ରାଣୀମାନଙ୍କ ମଧ୍ୟରେ କର୍ମର ଆଦାନ ପ୍ରଦାନ,ଧାର୍ମିକ ବୈଭବର ପରିପୂରଣ ନିମନ୍ତେ ସୃଷ୍ଟି ପ୍ରାରମ୍ଭରୁ ଲାଗି ରହିଛି ସ୍ନେହର ବନ୍ଧନ। ଶ୍ରେଷ୍ଠପ୍ରାଣୀ ମନୁଷ୍ୟର କର୍ମ ବୁଦ୍ଧିଯୁକ୍ତ,ହିଂସାମୁକ୍ତ ହେଲେ ମାନବ ସମାଜର ମଙ୍ଗଳ ସମ୍ଭବ ହୋଇଥାଏ। ସବୁ ପ୍ରାଣୀଙ୍କ ସହିତ ବନ୍ଧୁତାଭାବ ନେଇ କର୍ମ କଲେ ମନୁଷ୍ୟ କର୍ମଯୋଗୀ ଅଥବା ମହାତ୍ମାରେ ପରିଣତ ହୋଇଥାନ୍ତି। ସକାଳରୁ ସଞ୍ଜ ଯାଏଁ ଯେତେ ସବୁ ବୃତ୍ତିକର୍ମ ଭଗବାନବିଷ୍ଣୁଙ୍କ ଉଦ୍ଦେଶ୍ୟରେ ସମର୍ପିତ। ପ୍ରଭୁଙ୍କ ଇଚ୍ଛା ପୂରଣ ପାଇଁ,ତାଙ୍କୁ ସନ୍ତୋଷ କରିବା ଲକ୍ଷ୍ୟ ନେଇ ମନୁଷ୍ୟ ଦୈନନ୍ଦିନ ଯେଉଁ କର୍ମକର୍ମାଣି କରେ ସେହି କର୍ମକୁ ଶ୍ରୀମଦ୍ ଭଗବଦ୍‌ଗୀତାରେ ଯଜ୍ଞ କୁହାଯାଇଛି। ସୃଷ୍ଟି ପ୍ରାରମ୍ଭ କାଳରୁ ବ୍ରହ୍ମଦେବ ବେଦରେ ପ୍ରାଣୀଜଗତର ଯଜ୍ଞ ସଂପର୍କରେ ବିଶେଷ ଆଲୋକପାତ କରାଇ ମନୁଷ୍ୟର କର୍ତ୍ତବ୍ୟ କର୍ମ ବା ଯଜ୍ଞର ବିଧିବିଧାନ କଥା ଉଲ୍ଲେଖ କରିଛନ୍ତି। କାରଣ ଯଜ୍ଞ ବିନୁ ମନୁଷ୍ୟ ସାତ୍ତ୍ୱିକ ଆନନ୍ଦ ପାଇପାରେ ନାହିଁ। ବୌଦ୍ଧିକ ବିକାଶ ହୋଇ ପାରେ ନାହିଁ। ଶାନ୍ତି ଶୃଙ୍ଖଳା,ସ୍ଥିରତା ମିଳେ ନାହିଁ। ଜୀବନରେ ନାନା ଘାତ ପ୍ରତିଘାତ ଦେଖାଦିଏ। ଜୀବ କର୍ମବନ୍ଧନ ଓ ଜନ୍ମ ମରଣ ଚକ୍ରରେ ଛନ୍ଦି ହୋଇ ଛଟପଟ ହେଉଥାଏ। ସୁତରାଂ ମନୁଷ୍ୟ ନିଜେ ନିଜର ଯଜ୍ଞକର୍ମ ଦ୍ୱାରା ମୁକ୍ତି ପଥରେ ଗତି କରନ୍ତୁ, ଏହି କଥା ଭଗବାନ ଶ୍ରୀକୃଷ୍ଣ ଭଗବଦ୍ ଗୀତାରେ ସ୍ପଷ୍ଟ କରି ଦେଇଛନ୍ତି। "ସହ ଯଜ୍ଞାଃ ପ୍ରଜାଃ ସୃଷ୍ଟା ପୁରୋବାଚ ପ୍ରଜାପତିଃ"-(ଗୀତା-୩/୧୦)। ଅତଏବ ଭଗବାନ ଯେଉଁ ଯେଉଁ କର୍ମ ଦ୍ୱାରା ପ୍ରାଣୀଜଗତକୁ ବିକଶିତ କରାନ୍ତି, ଯାହା ସର୍ବମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ, ସେଇ କର୍ମଗୁଡ଼ିକ ଯଜ୍ଞକର୍ମ ଅନ୍ତର୍ଭୁକ୍ତ ଅଟେ।

କଥା କହି ପାରୁ ନଥିବା ବୃକ୍ଷ ମଧ୍ୟ ଦୈନନ୍ଦିନ ଯଜ୍ଞକର୍ମ କରିଥାଏ। ସାନବଡ଼, ପଶୁପକ୍ଷୀ, ମନୁଷ୍ୟ, ଜାତି ଅଜାତି ବାଛ ବିଚାର କରେ ନାହିଁ। ପ୍ରତ୍ୟେକ ଖାଦକକୁ ଫୁଲ ଫଳ ପ୍ରଦାନ କରିଥାଏ। ଫଳକୁ ଅଧା ପାକଳରୁ ତୋଳିଲେ ବି ସେ ମନା କରେ ନାହିଁ। ଏହା ବୃକ୍ଷର ଯଜ୍ଞ ଅଟେ। ସେହିପରି କୀଟପତଙ୍ଗ ତରୁତୃଣ ଆଦି ସମସ୍ତ ପ୍ରାଣୀ ନିଜ ନିଜର ଯଜ୍ଞ ହିଁ କରିଥାନ୍ତି। ଯେଉଁ କ୍ଷେତ୍ରରେ, ଯେଉଁ ଉଦ୍ଦେଶ୍ୟରେ ସ୍ରଷ୍ଟା ପ୍ରାଣୀମାନଙ୍କୁ ସୃଷ୍ଟି କରିଛନ୍ତି,ସେଇ ସୃଷ୍ଟି କର୍ମ ହିଁ ଯଜ୍ଞ। "କ୍ଷେତ୍ର କର୍ମ ବିଧିୟତେ।" ଅର୍ଥାତ୍ ଯେଉଁ କର୍ମ ନିଃସ୍ୱାର୍ଥପର ଭାବରେ,ବିଧି ବିଧାନମତେ, କର୍ତ୍ତବ୍ୟବୋଧ ସହକାରେ ସଂପାଦନ କରାଯାଏ,ତାହା ହୋଇଯାଏ ଯଜ୍ଞ। ଦୈନନ୍ଦିନର ସ୍ୱକୃତ ଯଜ୍ଞ ମଧ୍ୟରୁ ଦଶମହାଯଜ୍ଞ ଶ୍ରେଷ୍ଠତର। ତନ୍ମଧ୍ୟରୁ 'ବ୍ରହ୍ମଯଜ୍ଞ' ବିଷୟରେ ପ୍ରଥମେ ବିଚାର କରିବା।

ଆଚରଣ ଶ୍ରେଷ୍ଠ ବ୍ରାହ୍ମଣ ଯେଉଁ କର୍ମ କରନ୍ତି ତାହା ବ୍ରହ୍ମଯଜ୍ଞ ପରିସରଭୁକ୍ତ ଅଟେ। ବ୍ରହ୍ମଯଜ୍ଞ ଦ୍ୱାରା ଜଗତରେ ସାତ୍ତ୍ୱିକ ଧାରାର ସ୍ରୋତ ଅବିଚଳିତ ରହେ। ଏହି ଯଜ୍ଞ ମାନବ ସମାଜ ପାଇଁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଥିବାରୁ ସାମାଜିକ କ୍ଷେତ୍ରରେ ବ୍ରାହ୍ମଣ ମାନଙ୍କୁ ଶୀର୍ଷ ସ୍ଥାନ ଦିଆଯାଇଛି। କେବଳ ବ୍ରାହ୍ମଣକୁଳରେ ଜନ୍ମ ହୋଇଥିଲେ ନୁହେଁ,ଯେ କେହି ବ୍ୟକ୍ତି ବ୍ରହ୍ମବାଦୀ ନୀତିରେ ବ୍ରହ୍ମତତ୍ତ୍ୱ ଜଗତଜନଙ୍କୁ ଶୁଣାଇବା ଉଚିତ। ଯେଉଁ ମନୁଷ୍ୟ ବିଶ୍ୱନିଅନ୍ତାଙ୍କର ସୃଷ୍ଟି ଆଭିମୁଖ୍ୟ ସଂପର୍କରେ ସର୍ବଶ୍ରେଷ୍ଠ ଜ୍ଞାନ ଅର୍ଜନ କରିଛନ୍ତି ଓ ସେହି ଜ୍ଞାନକୁ ବିନା ଶୁଳ୍କରେ ଜନ କଲ୍ୟାଣ ଉଦ୍ଦେଶ୍ୟରେ ବିତରଣ କରୁଛନ୍ତି, ସେଇମାନେ ହିଁ ନୈଷ୍ଠିକ ବ୍ରହ୍ମବେତା। ଏପରି ବ୍ୟକ୍ତି ଉପଯୁକ୍ତ ଭାବରେ ବ୍ରହ୍ମଯଜ୍ଞ କରିପାରନ୍ତି। ବେଦ,ଗୀତା,ଧର୍ମ ଶାସ୍ତ୍ରାଦି ଅଧ୍ୟୟନ କରିବା ଓ ସେ ସବୁର ତତ୍ତ୍ୱକୁ ଜନ ସମୂହରେ ବିତରଣ କରାଇ ଅନ୍ୟର ବୌଦ୍ଧିକ ଶକ୍ତି ବୃଦ୍ଧି କରାଇବା ବ୍ରହ୍ମଯଜ୍ଞର ମୂଳ ଲକ୍ଷ୍ୟ ଅଟେ। ସମାଜରେ କୌଣସି କୁସଂସ୍କାର ଦେଖାଦେଲେ ତାହାକୁ ଦୃଢ଼ ଭାବରେ ପ୍ରତିହତ କରିବା, 'ଓଁ' କାର ଧ୍ୱନି ସୃଷ୍ଟି କରାଇ ଐଶ୍ୱରୀକ ବାତାବରଣ ପ୍ରସାର କରିବା, ଆତ୍ମା ପରମାତ୍ମାଙ୍କ ସ୍ଥିତି ସଂପର୍କରେ ବୁଝିବା ଓ ବୁଝାଇବା, ଆଚରଣ ଓ ଉଚ୍ଚାରଣରେ ସମ ଭାବାପନ୍ନ ହୋଇ ଅନ୍ୟମାନଙ୍କୁ ଦୀକ୍ଷା ଦେବା,ବ୍ରାହ୍ମଣ ଧର୍ମ ଅନ୍ତର୍ଭୂକ୍ତ ଅଟେ। ପ୍ରତିଟି ଗୃହ, ପ୍ରତ୍ୟେକ ମନୁଷ୍ୟ ବ୍ରହ୍ମଯଜ୍ଞ ପଥ ଅନୁସରଣ କଲେ ଜୀବନ ସାଫଲ୍ୟମଣ୍ଡିତ ହୋଇଥାଏ। ପାରିବାର ସୁଖ ଶାନ୍ତିରେ କାଳାତିପାତ କରିଥାନ୍ତି। ଭଗବାନଙ୍କ ସହିତ ସମ୍ବନ୍ଧ ଦୃଢ଼ିଭୂତ ହୋଇଥାଏ। ବିପଦ ବେଳାରେ ଦୈବୀଶକ୍ତି ସହାୟତା କରିଥାନ୍ତି। ଏହି ଯଜ୍ଞ ଦ୍ୱାରା କଳିକଳୁଷିତ ମନକୁ ଆୟତ୍ତ କରିବା ସମ୍ଭବ ହୋଇଥାଏ।

*ଭୁବନେଶ୍ୱର*
*ଦୂରଭାଷ-୯୬୬୮୬୩୧୨୫୭*

# କଳଙ୍କିନୀ



**ଲୋପାମୁଦ୍ରା ନାୟକ**

**ପ**ଶ୍ଚିମା ସୂର୍ଯ୍ୟଟା ବୁଡିବା ଆଗରୁ
କିଛି ସଙ୍କେତରେ କହିଲା
ବୋଧେ ତୁମେ ତାକୁ ବୁଝିବାରେ ଅସମର୍ଥ
ସମୟଟା ବାର୍ଦ୍ଧକ୍ୟ ହେବାକୁ ଲାଗିଛି
ପ୍ରେମର ବୟସଟା ସାହାରା ଖୋଜୁଛି
କିନ୍ତୁ ତୁମେ ଏତେ ଗମ୍ଭୀର ଆଉ ମର୍ମାହତ
ଆଶା ବାଡି ଖଣ୍ଡକ ତ ତୁମ ହାତରେ
କ'ଣ ଅପରାହ୍ନ ପୂର୍ବରୁ ଧରେଇ ପାରିବନି ?

ଭୁଲିଗଲ ନା ସେ ଦିନ କଥା !
ଯେଉଁଠି ଆକାଶ ଆଉ ପୃଥିବୀର ମିଳନ ଘଟିଥିଲା
ଏଇ ଦେଖ ସେଇ ଅମୃତ ବେଳା
ଚାରିଆଡେ ଲୋକ ଗହଳି
ଢାଁ... ଢାଁ ଘଣ୍ଟ ଶବ୍ଦ
ଝୁଣା-କର୍ପୁରର ଗନ୍ଧ ପ୍ରସରୀ ଆସୁଛି



ଆଉ ବନ୍ଦ କୋଠରୀର ସେପାଖେ ଚାଲିଛି
ଦୁଇଟି ଦେହ ଦାହର ଅପୂର୍ବ ପର୍ବ।

ସାକ୍ଷୀ ତୁମ ବନ୍ଦ କୋଠରୀର ପ୍ରତିଟି ନିସ୍ତେଜ ଉଜ୍ଜ୍ୱଳ ବସ୍ତୁ
ଯେଉଁମାନେ ନିର୍ଲଜ ସାଜି ଉପଭୋଗ କରୁଥିଲେ
ଜୁଳୁଜୁଳୁ ଚାହିଁରହି ସବୁ ଦେଖୁଥିଲେ
ଶତ ପ୍ରତିବାଦ ସତ୍ତ୍ୱେ ଯେଉଁଠି ତୁମେ ଆଙ୍କି ଦେଇଥିଲ
ପ୍ରତିଟି ସିରାପ୍ରଶିରାରେ ହୋଲିର ଦାଗ

କଳଙ୍କର କାଦୁଅରେ ଗୁରୁଣ୍ଡି ଗୁରୁଣ୍ଡି
ସେ ଲେଖିଛି ଆପଣା
ମନ୍ଦ ଭାଗ୍ୟର କବିତା
ଗତ ପୂର୍ଣ୍ଣିମାରୁ ଜହ୍ନ ସାଜିଛି
ଅନ୍ତଃସତ୍ତ୍ୱା।
ଟାହିଟାପରା, ଅସହ୍ୟ ଗଞ୍ଜଣା ମଧ୍ୟରେ
ଏବେ ବଢ଼ିଚାଲିଛି ପାପର ଆୟୁଷ
ବାର୍ଦ୍ଧକ୍ୟ ପ୍ରାୟ ପ୍ରୀତିର ସେ ବୟସ !

ସତରେ କ'ଣ ତୁମର ମନେ ନାହିଁ ?
ଅକ୍ଷାଂଶ ଆଉ ଦ୍ରାଘିମାର ପ୍ରୀତି ଚୁମ୍ବନ
ନିଆଁ ଆଉ ଘିଅର ଆତ୍ମାହୁତି !
ସମୟର ବିବର୍ତ୍ତନ ପ୍ରେମକୁ ପଳାତକ ବନେଇଛି ଆଉ,
ପ୍ରେମିକା କୁ କଳଙ୍କିନୀ।

ଭୁବନେଶ୍ୱର
ଭ୍ରାମ୍ୟଭାଷ : ୮୦୧୮୮୭୨୩୩୧



# ଗଣିକା

**ତପନ ମାଝୀ**

**ସ**ବୁ ବାହାଯୋଗ୍ୟା
ଝିଅଙ୍କ ପରି ମୋତେ ମିଳିଲାନି
ବାଡ୍ରୁଅ ପାଣିର ଶୀତଳତା
କି କିଶୋରୀ ମନର ଚଞ୍ଚଳତା।
କେଉଁ ଗୋଟେ କାମୁକ ଆଖି
ମୋ ରକ୍ତିମ ଅଧର
ପୀନ ସ୍ତନ ଆଉ
ଅତର କଙ୍କଣ ଭରା ଯୌବନ।
କିଏ ବା ବୁଝୁଛି
ମୋ ଛାତି ତଳର
କଦମ୍ବ ବନର ମନ
ଆଉ ଭଲପାଇବାର
ସୁବାସିତ ଶୀତଳ ଚନ୍ଦନ।
ଏଠି ତ ମୋ
ଦେହ ଦେଉଳକୁ ନେଇ
ବାଟ ଭୁଲା ପଥିକର
ଆପଣେଇ ନେବାର ମନ
ସକାଳକୁ ପାଲଟେ
ଘାଟ ଜଗା ନାଉରିଆର
କେଇଟା କଉଡ଼ିର ମୂଲ।
ତଥାପି ତ ଏମିତି ଏ
ପାନ୍ଥଶାଳାର ମନ ନେଇ
ମୁଁ ଯାଚୁଥିବି ମୋ
ପ୍ରେମ, ପ୍ରୀତିର ନିର୍ମାଲ୍ୟ
ଭଲପାଇବାର
ଅମୋଘ ସମ୍ପଦ
ପ୍ରଣୟ ବଲ୍ଲରୀର
ପୁରାଣ ଗାଇ ମୁଁ
ଏ ବିଚିତ୍ର ସୃଷ୍ଟିର
ଗଣିକାଟେ ହୋଇ।


କାନାରାବ୍ୟାଙ୍କ, ବାଲେଶ୍ୱର-୧
ମୋ : ୬୩୭୦୭୭୬୧୧୭

# ଉତ୍କଳର ମାଟି



**ପ୍ରଦୀପ ବନ୍ଧ**

**ଏ**ଇ ମାଟି
ଉତ୍କଳର ମାଟି
ଯେଉଁ ମାଟିର ଗାଥା
ଇତିହାସର ସୂଚୀପତ୍ର
ଗାଁ ଠୁ ସହର
ଗାଡିଆ ଠୁଁ ନଈ
ସବୁଜ ବନାନୀର ଚାରୁଚିତ୍ର
ଚହଲି ଉଠିଥିଲା
ଗାଁ ମନ୍ଦିରରୁ ଗୀତା, ଭାଗବତ
ଆଉ ଓଡ଼ିଆ ସଂସ୍କୃତିର
ପ୍ରତିଧ୍ୱନି।
ପ୍ରତିଷ୍ଠାର ଢେଉରେ
ନାଚି ନାଚି ଆସୁଥିଲା
ସୁନେଲି ସୂରୁଜର
ମଧୁମୟ କିରଣ।
କ୍ଷେତରୁ ଚାଟଶାଳୀ ପର୍ଯ୍ୟନ୍ତ
ଶାନ୍ତି ପ୍ରାର୍ଥନାର ଓଁକାର ଧ୍ୱନୀରେ
ମନ ସ୍ଥିରତାର ସଂଚାରଣ
ଜାଗି ଉଠୁଥିଲା କୃଷି ଜୀବନଠୁ



ସମସ୍ତ ମଜଦୁର ମାନଙ୍କର
ହୃଦୟ କାନ୍ଥରେ।

ଉତ୍କଳର ଗୌରବ ଓ
ମହାନତାକୁ
ତ୍ରିରଙ୍ଗା ପତାକାର ଖମ୍ବ ତଳେ
ସଭିଏଁ ଏକ ହୋଇ
ଉତ୍କଳ ମାଟିର
ଗୁଣଗାନ କରୁ କରୁ
ଏହି ମାଟିର ସ୍ୱାଭିମାନକୁ
ସୂଚେଇ ଦେଉଥିଲେ
ମନୁଷ୍ୟ, ପଶୁପକ୍ଷୀ ଜୀବଜଗତ
ଇତ୍ୟାଦି ଚରାଚର ଗଣ।
ହସ ଖୁସିରେ ଗୀତ ଗାଇ
ନାଚି ଉଠୁଥିଲେ
ଗଛ ଲତା ଆଉ ଫୁଲ ଫଳ
ସାତ ରଙ୍ଗର ବର୍ଣ୍ଣାଳୀରେ
ଇନ୍ଦ୍ରଧନୁ ସଜେଇ
ଗାଉଥିଲେ ସପ୍ତମ ରାଗର ମନ୍ତ୍ର
ଯାହା ଉତ୍କଳ ମାଟିର
ଗର୍ବ ଆଉ ଗୌରବର କିମ୍ବଦନ୍ତୀ।

ଭଦ୍ରକ, ବାସୁଦେବପୁର
ଭ୍ରାମ୍ୟଭାଷ : ୮୦୭୨୭୮୩୨୨୦

# ହଜିଗଲା ପରେ...

**ପାରମିତା ଷଡଙ୍ଗୀ**



**ଝ**ରକାକୁ କେତେ ଜୋରରେ ବନ୍ଦ କଲେ ମଧ୍ୟ ଅସୁବିଧା ଗୁଡିକ ପଶି ଆସନ୍ତି ଜୀବନ ମଝିରେ। ମନ କଥା କହିବାକୁ ଇଚ୍ଛା ହେଲେ ମଧ୍ୟ ଓଠ କେବେ କେବେ ମନା କରିଦିଅନ୍ତି କିଛି ଉଚ୍ଚାରଣ କରିବା ପାଇଁ। ପାଖରେ ଥିଲା ବେଳେ ମହତ୍ୱ କେତେ ବୁଝି ହୁଏନା, କିନ୍ତୁ ହଜିଗଲା ପରେ ଜେତେ ଖୋଜିଲେବି ....

ନାଇଟ୍ ଡ୍ରେସ୍‌କୁ ଗଳାଇଦେଇ ତାନିଆ ଖଟ ଉପରେ ନିଜ ଶରୀରକୁ ପକାଇ ଦେଇ ଆଖି ବନ୍ଦ କରିଦେଲା। ବିଶ୍ୱାସ କରିପାରୁ ନଥିଲା ଯେ ଏତେ ବଡ ଘରେ ସେ ଏକୁଟିଆ ଯଦିଓ ସେ ଜାଣିଥିଲା ବିରେନ୍ ଆଉ ନାହିଁ। ତା'ର ଘନକେଶକୁ ଆଙ୍ଗୁଠି ବୁଲାଇପାରିବନି ସେ। ତା' ସହିତ ନାଇଟ୍ ଲାଇଟ୍‌ର ସୁଇଚ୍ ଅନ୍ କରିବାକୁ ବାର ବାଣ୍ଟି ପାରିବନି କି ରବିବାର ଦିନ ବେଡ୍‌ଟି ବନାଇବାକୁ ଝଗଡା କରିପାରିବନି ତାନିଆ।

ଏକ ଦୀର୍ଘ ନିଶ୍ୱାସ ତା'ର ପିଞ୍ଜରା ହଲାଇ ବାହାରି ଗଲା। ବିରେନ୍‌ର କ୍ଷତ ବିକ୍ଷତ ଶରୀର ତା'ର ଆଖି ଆଗରେ ନାଚି ଯାଉଥିଲା। ଆଖି ବନ୍ଦ କଲେ ବିରେନର ଦୁଇହାତ ଆଉ ଡାହାଣ ଗୋଡ ବିହିନ ଶରୀର ଯେପରି ଚିତ୍କାର କରୁଥିଲା ଆଉ ଆଖି ଖୋଲିଲେ ତା'ର ନଥିବାର ଅନୁଭବ ତାନିଆକୁ ଅଣନିଶ୍ୱାସୀ କରିଦେଉଥିଲା। ଅଶାନ୍ତ ମନ ନେଇ ତା'ର ଦିନ କଟୁଥିଲା ନା ରାତି।

ହଠାତ୍ ଫୋନ୍‌ର ଘଣ୍ଟିରେ ଆଖି ଖୋଲିଲା ତାନିଆ। ଅନିଚ୍ଛାରେ ଉଠି ଫୋନ୍ ରିସିଭ କଲା .... ମା'ଙ୍କ ଫୋନ୍...

"ଖାଇଲୁଣି ବେବି"

"ହୁଁ"

"କ'ଣ କରୁଥିଲୁ"

"ଶୋଉଥିଲି ମା'। କ'ଣ କହିବାର ଥିଲା।"

"ନା' ଏମିତି ଫୋନ୍ କରିଥିଲି। ଏକୁଟିଆ ରହୁଛୁ। ତୋ ଚିନ୍ତା ଲାଗି ରହିଛି।' ମା'ଙ୍କ ସ୍ୱର ଭାରି ଶୁଣାଯାଉଥିଲା।

ବିରକ୍ତି ଲାଗିଲା ତାନିଆକୁ। 'କାଲି କଥା ହେବା ମା'। କଥା ହେବାକୁ ଇଚ୍ଛା ନଥିଲା ତା'ର। ପୁଣି ଖଟ ଉପରେ ନିଜକୁ ରଖି ଆଖି ବନ୍ଦ କରିଦେଲା ସେ। ଶୋଇବାକୁ ଇଚ୍ଛା ନଥିଲା। ଲାଗୁଥିଲା ଏବେ ବିରେନ୍ ଅଫିସରୁ ଆସିବ। ଝଗଡା କରିବ କାହିଁ ତା' ପାଇଁ ଅପେକ୍ଷା କରିଛି ଖାଇନି। ମନ ହେଲା ବିରେନର ସ୍ୱର ଶୁଣିବା ପାଇଁ। ତା'ର ମୋବାଇଲକୁ ଡାଏ କଲା ସେ।

"ହାଏ। ମୁଁ ବିରେନ୍। ଏବେ ମୁଁ ବିଜି ଅଛି। ପ୍ଲିଜ୍ କିଛି ସମୟ ପରେ ଡାଏ କରନ୍ତୁ।"

ଜୋରରେ କାନ୍ଦିଥିଲା ତାନିଆ। ସବୁ ସ୍ମୃତି ତକ ଧାଉଁଥିଲା ତା' ମନ ଭିତରେ। ବିରେନ୍‌ର ନାଁ ନିର୍ଦ୍ଧୁମ ଖରାବେଳରେ ସଂଧ୍ୟାର ଶୀତଳ ପବନ ପରି ତାନିଆ ଜୀବନକୁ ମହକାଉଥିଲା। ଅଜିବ ପ୍ରକୃତିର ଥିଲା ବିରେନ। ଦୁଇବର୍ଷର ବାହାଘର ଥିଲା। ସେ' ଆଉ ବିରେନ ଖୁବ୍ ମଜା ନେଉଥିଲେ ଜୀବନରେ। ବମ୍ବେର ପ୍ରଥମ ଦିନ। ତାନିଆ ଆଉ ବିରେନ୍ ନିଜର ନୂଆ ଘରକୁ ସଜାଉଥିଲେ। ଖୁବ୍ ରାତି ହୋଇଯାଇଥିଲା। ତାନିଆ ଫ୍ରେସ୍ ହୋଇ ବାଥରୁମ୍‌ରୁ ଫେରି ଦେଖେ ତା' ବିରେନ୍ ସୋଫା ଉପରେ ଶୋଇଯାଇଥିଲା। ଶୋଇଥିବା ବିରେନ୍‌ର ମୁହଁ... ଖୁବ୍ ପାଖକୁ ଯାଇ ଦେଖୁଥିଲା ତାନିଆ। ତା'ର ଗରମ ନିଶ୍ୱାସକୁ ବିରେନ୍ ବୁଝିପାରିଥଲା ହେଲେ ଶୋଇବାର ଅଭିନୟ କରି ଅପେକ୍ଷା କରିଥିଲା। ତାନିଆ ଠାରୁ ଆଉକିଛି। ସୋଫା ଉପରୁ ଉଠୁଥିଲା ତାନିଆ, ହଠାତ୍ ବିରେନ ତାକୁ ତା'ର ବାହୁରେ ଧରି ନେଇଥିଲା। ଥରୁଥିଲା ତାନିଆ, ଆଉ ବିରେନର ଓଠ ତା'ର ଶରୀରକୁ ଛୁଇଁ ଯାଉଥିଲା।

ବମ୍ବେ ଆସିବାର ଗୋଟେ ବର୍ଷ ବି ହେଇନି। ବିରେନ୍ ନ ଥିଲେ ଏ ଦୁନିଆରେ। ଏ ସହରକୁ ଆସିବାର ଲୋଭ ଏଡାଇ ପାରି ନଥିଲା ବିରେନ୍। ସ୍ୱପ୍ନର ସହର ବମ୍ବେ ଆଉ ଏହାର ଆକର୍ଷଣ ଏପରି ଯେ ଥରେ ଏଠାକୁ ଆସିଲେ ପରେ ଫେରିବାର ସମ୍ଭବ ସହଜ ନ ଥାଏ। ହେଲେ ତାନିଆ କ'ଣ ଜାଣିଥିଲା। ଏ ସହରରେ ବିରେନ୍ କେଉଁଠି ହଜିଯିବ। ସବୁଦିନ ଗାଡି ନେଇ ଅଫିସ ଯାଆନ୍ତି ସେ। ସେଦିନ ଗାଡି ସର୍ଭିସଂ ପାଇଁ ଦେଇଥିଲେ। ସେଥିପାଇଁ ଲୋକାଲ୍ ଟ୍ରେନ୍‌ରେ ଯିବା ପାଇଁ ପଡିଥିଲା ବିରେନ୍‌ଙ୍କୁ। ଲୋକାଲ ଟ୍ରେନ୍ ବମ୍ବେର ଲାଇଫ୍ ଲାଇନ୍। ଟ୍ରେନ ଚାଲିଛି ଓ ଜୀବନ ବି ଚାଲିଛି। ଟ୍ରେନ୍ ବନ୍ଦ ତ ବମ୍ବେ ବନ୍ଦ। ଠିକ୍ ବୁଝି ପାରିଥିଲେ ଆତଙ୍କବାଦୀ। ତାଙ୍କର କିଛିଟା ଖେଳ, ଧର୍ମ ନାଁରେ। ବିଦ୍ରୋହ ନାଁରେ ଆଉ କେତେ ଜୀବନ ଶେଷ। ସେହି ବ୍ଲାଷ୍ଟର ଶିକାର ହୋଇଥିଲା ବିରେନ୍। ସେ ସେହି ଡବାରେ ବସିଥିଲା ଯେଉଁ ଡବାରେ ବମ ଥିଲା। ଶୀରର ପଚାଶଭାଗ ନଥିଲା। ଗୋଟେ ମୁହୂର୍ତ୍ତରେ ସବୁ ଶେଷ ହୋଇ ଯାଇଥିଲା ତାନିଆର। ଶେଷ ସମୟରେ ବିରେନ୍ କ'ଣ ତାନିଆକୁ ମନେ ପକାଇଥିବ, କି ସେତିକି ସମୟ ଦେଇ ନଥିବ ସେ ବମ୍। ତକିଆରେ ମୁହଁ ମାଡି ଦେଇଥିଲା ତାନିଆ। ବିରେନ୍ ସହିତ କଟାଇଥିବା ମୁହୂର୍ତ୍ତକୁ ରିୱାଇଣ୍ଡ କରିବାକୁ ଇଚ୍ଛା ହେଉଥିଲା ତା'ର। ଏମିତି ଏକୁଟିଆ ସମୟ ଭିତରେ ସେ ବିରେନ୍‌କୁ କଳ୍ପନାରେ ହିଁ ବଞ୍ଚିରୁହେ। କୌଣସି ଡଷ୍ଟବାନ୍‌ସରେ ତା' କଳ୍ପନା ହଜିଯାଏ। ତା'ସହିତ ବିରେନ୍ ବି। ଚିଡିଯାଏ, ସେଥିପାଇଁ ଏକୁଟିଆ ରହିବାକୁ ଚାହେଁ। ଆଖି ବନ୍ଦ କରି ପଡିରହେବ। ଆଖି ବନ୍ଦ କରି ଦେଲେ ବିରେନ୍ ଉଙ୍କିମାରନ୍ତି ତା କଳ୍ପନାରେ। ହାତ ମୁଠା କରିଦିଏ, ଜାବୁଡି ଧରିବାକୁ ଚେଷ୍ଟା କରେ ତା' କଳ୍ପନାକୁ.... ହେଲେ ଖସି ଯାଆନ୍ତି ସେ ସମସ୍ତେ....।



ଖଟ ଉପରୁ ନିଜ ଶରୀରକୁ ଘୋଷାଡି କରି ଉଠିଲା ତାନିଆ। ମନ ବି ଭାରି ଭାରି ଲାଗୁଥିଲା। ବାହାରେ ରିମ୍‌ଝିମ୍ ବର୍ଷାର ଶବ୍ଦ ତାକୁ ବିରକ୍ତ କରୁଥିଲା। ଦିନ ଥିଲା ଏହି ଶବ୍ଦ ଆଉ ପ୍ରଥମ ବର୍ଷର ସ୍ପର୍ଶରେ ମାଟିର ମହକ ତାକୁ ପାଗଳ କରୁଥିଲା। ଝରକା ପାଖରେ ଠିଆ ହୋଇ ବାହାରକୁ ଚାହିଁଲା ସେ। ଉଚ୍ଚ ଉଚ୍ଚ ବିଲ୍ଡିଙ୍ଗ୍ ଗଛପତ୍ର ସବୁ ଭିଜା ଭିଜା ଥିଲା। ବର୍ଷାରେ ଓଦା ସହର। ଲୁହରେ ଓଦା ମନ ହେଲେ ଜୀବନଟା ମରୁଭୂମୀ ପରି ଶୁଷ୍କ ଅନୁଭବ କରୁଥିଲା ତାନିଆ। ବଞ୍ଚିବାର କୌଣସି ବାହାନା କି ଆଶା ନଥିଲା ତା'ପାଖରେ।

"ଓହୋ ! ବର୍ଷାରେ ଲୁଗା ଓଦା ତ ହୋଇଯାଇନି।" ଅଳସ ଭାଙ୍ଗି ବାଲକୋନିକୁ ଗଲା ତାନିଆ।

"ଆରେ ଏ କ'ଣ, ମିସେସ୍ ସକ୍‌ସେନାଙ୍କ ଘରେ ପୋଲିସ କାହିଁକି ? ଲୁଗା ତକ ଡୋରିରୁ ଏକରକମ ଟାଣି ଆଣି ସ୍ଲିପର ଗଳାଇ ବାହାରି ଗଲା ତାନିଆ।"

ପ୍ରୀତି ସକ୍‌ସେନା ତାନିଆ ସହିତ ପରିବା ମାର୍କେଟରେ ଦେଖା ହୋଇଥିଲେ। ବହୁତ ଗପୁଡି, କିନ୍ତୁ ତାନିଆ ତାଙ୍କ ସହିତ ସମୟକୁ ଏନଜୟ କରେ। ଦେଢ଼ବର୍ଷର ପୁଅ ଆଉ ସ୍ୱାମୀ ସହିତ ସୁଖୀ ପରିବାର ଭଲ ପ୍ରୀତିକର। ବିରେନ୍ ତାନିଆ ବହୁଥର ସକ୍‌ସେନା ଫ୍ୟାମିଲ ସହିତ ଡିନର କରିଛନ୍ତି। ପୁରୁଣା କଥାଗୁଡାକ ମନ ଭିତରେ ଦୋଉଡେଇ ତାନିଆ ପ୍ରୀତି ଘରେ ପହଞ୍ଚିଲା।

ହେ ଭଗବାନ। ଏ କ'ଣ ପ୍ରୀତିଙ୍କ ମୃତ ଶରୀର ତଳେ ଶୁଆଇ ଦିଆଯାଇଥିଲା। 'ଏ କ'ଣ ହେଲା ମିସେ୍ ଅଗ୍ରୱାଲ।'

"କ'ଣ କହିବି ତାନିଆ, ପ୍ରୀତି ଆତ୍ମହତ୍ୟା କରିଛନ୍ତି। ଶୁଣିଲେ ମି.ସକ୍‌ସେନା ତାଙ୍କ ଅଫିସର ଗୋଟେ ଝିଅ ସହିତ ଦୁବେଇ ଚାଲିଯାଇଛନ୍ତି। ତାଙ୍କର ଚିଠି କାଲି ପିଅନ ଆଣି ପ୍ରୀତିକୁ ଦେଲା। ତା'ପରେ ପ୍ରୀତି....। ସେ ଚିଠିଟି ପୋଲିସ ପାଖରେ ଅଛି। ବିଚାରା ଛୋଟ ପୁଅଟା। କେତେବେଳକୁ ଉଠି ଭୋକରେ କାନ୍ଦୁଛି କେଜାଣି ?

ପଛକୁ ଚାଲି ଚାହିଁଲା ତାନିଆ। ଗୋଟେ ଲେଡି କନେଷ୍ଟବଳ ଧରିଥିଲା ପୁଅକୁ। କିଛି ଖାଇଛି କି ନାହିଁ କେଜାଣି ! ତାନିଆ ହୃଦୟ କମ୍ପିଗଲା ଛୋଟ ଛୁଆଟାର ମୁହଁକୁ ଦେଖି। ପୁଅକୁ ନିଜ କୋଳକୁ ଟାଣି ଆଣି ଛାତିରେ ଜାକିଧରିଲା। ମାତୃତ୍ୱର ଅନୁଭବ ତା'ର କ୍ଷତ ବିକ୍ଷତ ମନକୁ ଅଦ୍ଭୁତ ଭାବରେ ଶିତଳ କରୁଥିଲା। କେମିତି ପ୍ରୀତି ଆତ୍ମହତ୍ୟା କରିପାରିଲା। ପୁଅର ମୁହଁ ତାକୁ ଏପରି କୁକର୍ମ କରିବାକୁ ରୋକି ପାରିଲା ନାହିଁ କେମିତି ? ତାନିଆ ବୁଝିପାରୁଥିଲା ସ୍ୱାମୀ ବିନା ବଞ୍ଚିବା ଦୁର୍ବିସହ କିନ୍ତୁ ସ୍ୱାମୀ ଦ୍ୱାରା ପ୍ରତାଡିତ ହୋଇ ବଞ୍ଚିବା ଅସମ୍ଭବ ହୋଇପଡେ ଗୋଟେ ସ୍ତ୍ରୀ ପାଇଁ। ହେଲେ, ମା' ପାଇଁ ତ ଅସମ୍ଭବ ନୁହେଁ।

ତାନିଆ ତା ନିଜ କଷ୍ଟ ଭୁଲି ଯାଇଥିଲା। ସେ ଜାଣିଥିଲା ଏତେ ସହଜ ନୁହେଁ ଏକୁଟିଆ ମା' ହୋଇ ଛୁଆ ପାଳିବା। କିନ୍ତୁ ତାକୁ ତା' ଜୀବନର ଲକ୍ଷ୍ୟ ମିଳିଯାଇଥିଲା। ନିଜକୁ ପ୍ରସ୍ତୁତ କରୁଥିଲା ତାନିଆ ଆସନ୍ତାକାଲି କୋର୍ଟକୁ ଯାଇ ପ୍ରୀତିର ପୁଅକୁ ଲିଗାଲ ଆଡପଟ୍ କରିବା ପାଇଁ।


ମାର୍ଫତ୍ : ବଂଶୀଧର ଷଡଙ୍ଗୀ
ଗୁହାଳପଡା, ନିମାପଡା, ପୁରୀ
ଦୂରଭାଷ : ୯୮୬୭୧୧୩୧୧୩

# ପିଲାଙ୍କ ଦୁନିଆ





**ସ୍ୱୟମ୍‌ଜିତ ଲେଙ୍କା**
ଷ୍ଟାଣ୍ଡାର୍ଡ-୮
ଓଡିଏମ୍ ସ୍କୁଲ, ଭୁବନେଶ୍ୱର





**ମାନୀ ମନୋଜ୍ଞନା**
ଷ୍ଟାଣ୍ଡାର୍ଡ-୪
ସେଣ୍ଟ ଜାଭିୟର୍ସ ସ୍କୁଲ, ନୀଳାଦ୍ରି ବିହାର,
ଭୁବନେଶ୍ୱର






## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଘଟ ଦସ୍ତାବିଜ୍ ...

ଏହି ଦସ୍ତାବିଜ୍ ଗୁଡିକ ପ୍ରମାଣଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି କେନ୍ଦ୍ର ସରକାର ଦର୍ଶାଇଥିଲେ। ସୁପ୍ରିମ୍‌କୋର୍ଟ ରାଫେଲକୁ ଦୁର୍ନୀତିମୁକ୍ତ ବୋଲି ଡିସେମ୍ବରରେ ରାୟ ଦେବା ପରେ ମାମଲା ଥଣ୍ଡା ପଡିଯାଇଥିଲା। ମାତ୍ର ପ୍ରମୁଖ ଗଣମାଧ୍ୟମ 'ଦି ହିନ୍ଦୁ'ରେ ଏହି କାରବାର ସମ୍ବନ୍ଧୀୟ କେତେକ କାଗଜପତ୍ରକୁ ନେଇ ଖବର ପ୍ରକାଶ ପାଇବା ପରେ ମାମଲା ପୁନଃ ଜୋର ଧରିଥିଲା। ସୂଚନାଥାଉ କି, ଡାସଲ୍ଟ ଠାରୁ ୩୬ଟି ରାଫେଲ ଯୁଦ୍ଧ ବିମାନ କ୍ରୟରେ ଦୁର୍ନୀତି ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏଥିସହ କମ୍ପାନୀର ଅଫ୍‌ସେଟ୍ ଅଂଶୀଦାର ଭାବେ ମୋଦିଙ୍କ ସରକାର ଉଦ୍ୟୋଗପତି ଅନୀଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସକୁ ନିଯୁକ୍ତ କରିଥିଲେ ବୋଲି ମଧ୍ୟ ଅଭିଯୋଗରେ ଦର୍ଶାଯାଇଥିଲା। ହେଲେ ଏ ସମସ୍ତ ଅଭିଯୋଗକୁ କେନ୍ଦ୍ର ସରକାର ଅସ୍ୱୀକାର କରିଥିଲେ।

### ଇଭିଏମ୍‌ରେ ...

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ନକ୍ସଲ ପ୍ରଭାବିତ ଏବଂ ଦୁର୍ଗମ ଅଞ୍ଚଳରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏବଂ ଅନ୍ୟାନ୍ୟ ଅଞ୍ଚଳ ପାଇଁ ସକାଳ ୭ଟାରୁ ସଂଧ୍ୟା ୬ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ତେବେ ମାଓ ପ୍ରଭାବିତ ଅଞ୍ଚଳ ଗୁଡିକର ସମ୍ବେଦନଶୀଳ ବୁଥ୍ ଗୁଡିକରେ ମତଦାନ ଅପରାହ୍ନ ୪ଟା ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲା ବେଳେ ଜୟପୁରର ଗୋଟିଏ, କୋଟପାଡାର ୭ଟି ଓ ଲକ୍ଷ୍ମୀପୁରର ଦୁଇଟି ବୁଥ୍‌ରେ ରାତି ୧୨ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ସେହିପରି ରାତି ୯ଟା ପର୍ଯ୍ୟନ୍ତ ୧୦୮ଟି ସମ୍ବେଦନଶୀଳ ବୁଥ୍‌ରେ ମତଦାନ କରାଯାଇଥିଲା। ସେଥିରେ ନୂଆପଡ଼ାର ୩ଟି, ଖରିଆରର ୩୨, ଜୁନାଗଡ଼ର ୮, ଧର୍ମଗଡର ୧୦, ଭବାନୀପାଟଣାର ୧୫, ନର୍ଲାର ୧, ଝରିଗାଁର ୨, ଡାବୁଗାଁର ୧, ଉମରକୋଟର ୧, କୋଟପାଡର ୧, ଲକ୍ଷ୍ମୀପୁରର ୫, କୋରାପୁଟର ୩, ଜୟପୁରର ୧୪ଟି ବୁଥ୍ ବୋଲି ଜଣାପଡିଛି।

ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ନିର୍ବାଚନରେ ଏହିସବୁ ଅଞ୍ଚଳରେ ୬୦ଲକ୍ଷ ୩ ହଜାର ୭୦୭ ଭୋଟର ଥିବା ବେଳେ ସେମାନଙ୍କ ଭିତରେ ୨୯ ଲକ୍ଷ ୭୨ ହଜାର ୯୨୫ଜଣ ପୁରୁଷ ଭୋଟର ଥିବା ବେଳେ ୩୦ଲକ୍ଷ ୩୦ ହଜାର ୨୨୨ ମହିଳା ଓ ୫୬୦ଜଣ ତୃତୀୟ ଲିଙ୍ଗ ଭୋଟର ଥିଲେ। ମତଦାନ ପାଇଁ ୭ ହଜାର ୨୩୩ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଥିଲା ବେଳେ ସେଥିରୁ ୨ ହଜାର ୩୭୫ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଥିଲା। କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯାଇଥିଲା ବେଳେ ଗୋଟିଏ ବୁଥ୍‌ରେ ଦିବ୍ୟାଙ୍ଗ କର୍ମଚାରୀ ଏବଂ ୩୦ଟି ବୁଥ୍‌ରେ କେବଳ ମହିଳା କର୍ମଚାରୀ ଭୋଟ କାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ ମତଦାନ କେନ୍ଦ୍ରରେ ୧୨ ହଜାର ୧୬୨ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ଥିଲେ ବୋଲି ସୂଚନା ମିଳିଛି। ୪୩୦ଟି ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା ହୋଇଥିବା ବେଳେ ୯୭୯ ଯାନରେ ଜିପିଏସ୍ ଓ ୨୧୮ଟି କେନ୍ଦ୍ରରେ ସିସି କ୍ୟାମେରା ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ଇଭିଏମ୍‌ରେ ସିଲ୍ ହୋଇଛି ପ୍ରାର୍ଥୀଙ୍କ ଭାଗ୍ୟ। ଏଥିସହିତ ରାଜନୈତିକ ଦଳମାନେ ନିଜର ହିସାବ ନିକାଶ ଆରମ୍ଭ କରିଛନ୍ତି। କିଏ କେଉଁଠାରୁ କେତେ ଆସନ ପାଇବ ଓ କେତେ ଆସନ ହରାଇବ, କେଉଁ ପ୍ରାର୍ଥୀ ଜିତିବେ ଓ କେଉଁ ପ୍ରାର୍ଥୀ ହାରିବେ ଏହାକୁ ନେଇ ବିଭିନ୍ନ ମହଲରେ ଆକଳନ ଚାଲିଛି। ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ତାଙ୍କ ଦଳ ଗତ ନିର୍ବାଚନ ଅପେକ୍ଷା ଅଧିକ ଆସନ ଜିତିବ। ଭାରତୀୟ ଜନତା ପାର୍ଟି ଦୃଢ଼ୋକ୍ତି କରିଛି ଯେ, ଅନୁଷ୍ଠିତ ହୋଇଯାଇଥିବା ଲୋକସଭା ଓ ବିଧାନସଭା ଆସନରେ ଆମେ ଦୁଇ ତୃତୀୟାଂଶ ଆସନ ପାଇବୁ। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଦାବି ଆମେ ୨୮ ବିଧାନସଭା ଆସନରୁ ୧୮ରେ ଜିତିବୁ ଏବଂ ଚାରୋଟିରୁ ତିନୋଟି ଲୋକସଭା ଆସନ ଅକ୍ତିଆର କରିବୁ।

### ପ୍ରତିଶ୍ରୁତିର ...

ଇଞ୍ଜିନ୍ କଥା କହି ଯେଉଁଳି ଚମକ ସୃଷ୍ଟି କରିଥିଲେ ସେହି ସମାନ ଶବ୍ଦକୁ ଅଲଗା ବାଖ୍ୟା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କ ନିକଟରେ ବିକାଶର ଭିନ୍ନ ସଂଜ୍ଞା ସୃଷ୍ଟି କରିପାରିଛନ୍ତି। ଯଦିଓ ପ୍ରଚାର ମଇଦାନରେ ସବୁଦଳ କଡା ଟକ୍କର ମଧ୍ୟରେ ଗତି କରୁଛନ୍ତି ତଥାପି ଓଡ଼ିଶାରେ ବିଜେଡି ତୃଣମୂଳ ସ୍ତରରୁ କର୍ମୀମାନଙ୍କୁ ଏକାଠି କରି ନିର୍ବାଚନୀ ପ୍ରଚାରରେ ନୂଆ ନୂଆ ରଣକୌଶଳ ପ୍ରୟୋଗ କରିବା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ଦୀର୍ଘବର୍ଷ ଧରି ରାଜ୍ୟରେ ଶାସନ କ୍ଷମତା ବାହାରେ ଥିବା କଂଗ୍ରେସ ଦଳ ଏଥର ଭଲ କରିବ ବୋଲି ଯେଉଁଳି ଦମ୍ଭୋକ୍ତି ପ୍ରକାଶ କରିଛି ବାସ୍ତବତାକୁ ଅନୁଭବ କଲେ ସେଭଳି କିଛି ବିଶେଷ ଫଳାଫଳ ହେବାର ଆଭାସ ମିଳୁନାହିଁ। କାରଣ ବିଜେଡି ଓ ବିଜେପି ମଧ୍ୟରେ କଡା ଟକ୍କର ବୋଲି ଦେଖିବାକୁ ମିଳୁଛି। କିନ୍ତୁ ପ୍ରଚାର ମଇଦାନରେ ଦେଖାଯାଉଥିବା କଡା ଟକ୍କର ଭୋଟରେ ରୂପାନ୍ତରିତ ହେବା ସହଜ ନୁହେଁ। କାରଣ ଓଡ଼ିଶାରେ ମିଶନ ଶକ୍ତି ଜରିଆରେ ବିଜେଡି ପ୍ରତି ଅଞ୍ଚଳରେ ମହିଳା ଭୋଟରଙ୍କ ସହ ସମ୍ପର୍କ ବାନ୍ଧି ଆସିଛି। ସାଢ଼େ ଚାରିକୋଟି ଓଡ଼ିଶାବାସୀ ମୋର ପରିବାର କହୁଥିବା ନବୀନ ପଟ୍ଟନାୟକ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ରାଜ୍ୟବାସୀଙ୍କ ସେବା କରିବେ ବୋଲି ନିର୍ବାଚନୀ ସଭାରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିବା ଦ୍ୱାରା ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ନେଇ ବିରୋଧୀମାନେ ବିଜେଡିକୁ ଯେଉଁଳି ସମାଲୋଚନା କରି ଚାଲିଛନ୍ତି ସେଥିରେ ବିଶେଷ କିଛି ଉପକୃତ ହେଲା ଭଳି ଲାଗୁନି। ଯଦିଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଏଜେଣ୍ଡା ପ୍ରତି ଭୋଟରମାନଙ୍କର ଆଗ୍ରହ ରହିଛି ତଥାପି ଆଞ୍ଚଳିକ ଭିତ୍ତିରେ ବିଚାର କଲେ ରାଜ୍ୟ ବିଜେପିର କାର୍ଯ୍ୟକ୍ରମ ବିଜେଡି ତୁଳନାରେ ଆଖିଦୃଶିଆ ହୋଇପାରୁନାହିଁ। ଏକ ନେତା ଏକ ଦଳ ଆଧାରରେ ବିଜେଡି ନିଜର କାର୍ଯ୍ୟଧାରାକୁ ଜାରି ରଖିଥିଲା ବେଳେ ବିଜେପିରେ ସାଙ୍ଗଠନିକ ପ୍ରକ୍ରିୟା ଯେଉଁଳି ପ୍ରଭାବ ସୃଷ୍ଟି କରିବା କଥା ସେଭଳି ହୋଇପାରୁନି ବୋଲି ମଧ୍ୟ ଦୃଷ୍ଟିଗୋଚର ହୁଏ। ତେଣୁ ଓଡ଼ିଶାରେ ଭୋଟରମାନଙ୍କ ଚିନ୍ତାଧାରା, ଦଳ ଗୁଡିକର ପ୍ରଭାବୀ ପ୍ରଚାର ଏବଂ ନେତୃତ୍ୱର ଉଚ୍ଚତାକୁ ଦେଖି ଫଳାଫଳ ଆସିବାର ସମ୍ଭାବନା ରହିଛି।

### ନବୀନଙ୍କୁ ବାହାର ...

୧୦ହଜାର କୋଟିର ରୋଡ ବିଜେପି ସରକାର ସମୟରେ ହୋଇଛି । ଝାରସୁଗୁଡାରେ ମଲ୍ଟିମଡେଲ ଲଜିଷ୍ଟିକ ପାର୍କ, ବିମାନ ବନ୍ଦର, ମହାନଦୀ ଏବଂ ବ୍ରାହ୍ମଣୀରେ ୫୦୦୦ କୋଟିରେ ୱାଟର ୱେ ହୋଇଛି । ଯାହା ଓଡିଶାକୁ ବିକାଶ ଦିଗରେ ଆଗେଇ ନେବ । ପାଇକ ବିଦ୍ରୋହରେ ସାରା ବିଶ୍ୱରେ ଇତିହାସରେ ସ୍ଥାନ ଦିଆଯାଇଛି । ଲଳିତଗିରିରେ ମ୍ୟୁଜିୟମ ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି । ୧୯ ବର୍ଷ ଶାସନ ପରେ ବି ରାଜ୍ୟ ସରକାର ପାଣି ଯୋଗାଇ ପାରିଲେ ନାହିଁ, ସ୍କୁଲରେ ଶିକ୍ଷକ ନାହାନ୍ତି, ହସ୍ପିଟାଲରେ ଡାକ୍ତର ନାହାନ୍ତି, ଯୁବକଙ୍କୁ ରୋଜଗାର ନାହିଁ । ହଜାର ହଜାର ଓଡିଆ ରୋଜଗାର ପାଇଁ ଦାଦନ ଖଟିବାକୁ ଗୁଜୁରାଟ ଯାଉଛନ୍ତି । କିନ୍ତୁ ସେମାନେ ପରିବାର ସହ ରହିପାରୁ ନାହାନ୍ତି । ନବୀନ ସରକାର ରାଜ୍ୟରୁ ଯିବା ପରେ ୫ ବର୍ଷରେ ଏପରି ରାଜ୍ୟ ହେବ ଯେମିତି କେହି ରୋଜଗାର ପାଇଁ ବାହାରକୁ ଯିବେନି ବୋଲି ଶ୍ରୀ ଶାହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି ଯେ, ରାଜ୍ୟରେ ଖଣି ଦୁର୍ନୀତି ହୋଇଛି । ସରକାରୀ ବାବୁମାନେ ଦୁର୍ନୀତରେ ବୁଡି ରହିଛନ୍ତି । ଏହା ସବୁ ପରେ ବି ନବୀନ ବାବୁ ଚୁପ ବସିଛନ୍ତି । ଓଡିଶାରେ ବିପୁଳ ଖଣିଜ ସଂପଦ ରହିଛି କିନ୍ତୁ ଏଠି ରାଜ୍ୟବାସୀ ଗରିବ । ଚିଟ୍‌ଫଣ୍ଡ ଘୋଟାଲାରେ ଲକ୍ଷଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । କିନ୍ତୁ ନବୀନ କିଛି କରିନାହାନ୍ତି । ବିଜେପି ସରକାର ଆସିଲେ ଚିଟଫଣ୍ଡ ଘୋଟାଲାରେ ସଂପୃକ୍ତ ଥିବା ଅପରାଧୀମାନଙ୍କୁ ଜେଲ ପଠାଯିବ । ରାଜ୍ୟରେ ୨୦ ଲକ୍ଷ ଲୋକଙ୍କ ପାଖରେ ଜମି ନାହିଁ । କିନ୍ତୁ ମୋଦୀ ସରକାର ମୁଦ୍ରା ବ୍ୟାଙ୍କ ମାଧ୍ୟମରେ ୮୪ ଲକ୍ଷ ଲୋକଙ୍କୁ ଲୋନ ଦେଉଛନ୍ତି । ବିଜେପି ସରକାର ଦେଶକୁ ସୁରକ୍ଷିତ ରଖିଛି । ୧୦ ବର୍ଷର କଂଗ୍ରେସ ସରକାର ଥିଲା କିନ୍ତୁ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପ ହେଉଥିଲା । କିନ୍ତୁ ମୋଦୀ ସରକାର ଆସିବା ପରେ ଏୟାରଷ୍ଟ୍ରାଇକ ହୋଇଛି । ଶହ ଶହ ଆତଙ୍କବାଦୀ ନିହତ ହୋଇଛନ୍ତି। କିନ୍ତୁ କଂଗ୍ରେସ ଏହାର ପ୍ରମାଣ ମାଗୁଛି । ସେମାନେ ଏହି ଏୟାର ଷ୍ଟ୍ରାଇକ ନେଇ ନିରାଶ ହୋଇଥିଲେ ଏବଂ ଆତଙ୍କବାଦୀଙ୍କ ସହ ଆଲୋଚନା ପାଇଁ କହିଥିଲେ । ପାକିସ୍ତାନକୁ ଇଟାର ଜବାବ ପଥରରେ ଦିଆଯିବ ବୋଲି ଶ୍ରୀ ଶାହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି ଯେ, ଆମ ପାଇଁ ଦେଶର ସୁରକ୍ଷା ବଡ ପ୍ରସଙ୍ଗ । ଓମାର ଅବଦୁଲ୍ଲା କହୁଛନ୍ତି ଯେ କାଶ୍ମୀରରେ ୨ଟି ପ୍ରଧାନମନ୍ତ୍ରୀ ହେବା ଦରକାର। ଏହାକୁ ନେଇ ରାହୁଲ ଚୁପ୍ ଅଛନ୍ତି । ଭୋଟବ୍ୟାଙ୍କ ପାଇଁ କଂଗ୍ରେସ ସବୁ କରୁଛି । କିନ୍ତୁ କାଶ୍ମୀର ଆମର ଅବିଚ୍ଛେଦ୍ୟ ଅଙ୍ଗ । ଏହାକୁ କେହି ନେଇ ପାରିବେ ନାହିଁ । ବିଜେପିର ଘୋଷଣା ପତ୍ରରେ ୨୦୨୨ ମଧ୍ୟରେ ଦେଶର ସମସ୍ତ ଗରିବଙ୍କୁ ପକ୍କା ଘର ମିଳିବ । ଯେଉଁଠି ବିଜୁଳି, ପିଇବା ପାଣି ଥିବ । କୃଷକଙ୍କୁ ୬୦୦୦ ଟଙ୍କା ପେନସନ ମିଳିବ । ଶ୍ରମିକଙ୍କୁ ମଧ୍ୟ ୬୦ ବର୍ଷ ପରେ ପେନସନ ମିଳିବ । ସମସ୍ତ କ୍ଷୁଦ୍ର ବେପାରୀଙ୍କ ଜିଏସଟି ଦେବାକୁ ପଡିବ ନାହିଁ । କୃଷକଙ୍କ ଲୋନ ଉପରେ ସୁଧ ଦେବାକୁ ପଡିବ ନାହିଁ । ଓଡିଶାରେ ଏମଏସପି ବୃଦ୍ଧି ପାଇବ ବୋଲି ଶ୍ରୀ ଶାହା କହିଛନ୍ତି। ବିଜେପି ସରକାର ଆସିଲେ ବନଜାତ ଦ୍ରବ୍ୟକୁ ରାଜ୍ୟ ସରକାର କଣିବେ । କେନ୍ଦୁପତ୍ର ଉପରେ ଜିଏସଟି ଛାଡ ହେବ। କେନ୍ଦୁଝରରେ ଆଉ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ୧୧୨ ସ୍ଥାପନା କରି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ । ଖମି ଚୋରୀ ବନ୍ଦ କରାଯିବ । ନବୀନଙ୍କୁ ୧୯ ବର୍ଷ ଏବଂ କଂଗ୍ରେସକୁ ୪୦ ବର୍ଷ ଦିଆଯାଇଛି । ବିଜେପିକୁ ଗୋଟିଏ ସୁଯୋଗ ଦେଲେ ୫ ବର୍ଷରେ ରାଜ୍ୟ ଏକ ନମ୍ବର ହେବ। ଚଳିତ ଥର ବିଜେପିକୁ ଉଭୟ ଲୋକସଭା ଏବଂ ବିଧାନସଭାରେ ଭୋଟ ଦେଲେ ରାଜ୍ୟର ନିକମା ବିଜେଡି ସରକାର ହଟିବ ବୋଲି ଶ୍ରୀ ଶାହା କହିଛନ୍ତି। ଏହି ବିଜୟ ସଂକଳ୍ପ ସମାବେଶରେ ରାଜ୍ୟ ଉପସଭାନେତ୍ରୀ ସୁକେଶି ଓରାମ, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ, କେଉଁଝର ଲୋକସଭା ବିଜେପି ପ୍ରାର୍ଥୀ ଅନନ୍ତ ନାୟକଙ୍କ ସମେତ ସମସ୍ତ ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ଏବଂ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରୋଚକ ମୋଡରେ ସୋନପୁର ରାଜନୀତି

# କଳିକେଶଙ୍କ ପାଇଁ ଅଡୁଆ ହେବେ ସଙ୍ଗୀତା

**ସୋନପୁର :** ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର କିଛିଦିନ ବାକି। ନେତାମାନେ ପ୍ରଚାର ଜୋରଦାର କରିବା ସହ ବୁଥ୍‌ସ୍ତର ଯାଏ କର୍ମୀଙ୍କୁ ଯୋଗାଯୋଗ କରୁଛନ୍ତି। ନିଜ ସ୍ଥିତି ପରଖିବା ସହ ବିରୋଧୀଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି। ଦିନକୁ ଦିନ ରୋଚକ ହେଉଛି ସୋନପୁର ରାଜନୀତି। ଗୋଟିଏ ପଟେ ମୋଦୀ ହାୱା ତ ଅନ୍ୟ ପଟେ ନବୀନ ହାୱା। ଏ ସବୁ ଭିତରେ ଚାଷୀ, କୃଷି ଓ ଆଦିବାସୀ କାର୍ଡ ଖେଳୁଛି କଂଗ୍ରେସ। ଆସନ୍ତା ୧୮ ତାରିଖ ଦିନ ନିର୍ବାଚନ ପରେ ସମ୍ଭବତଃ ସ୍ପଷ୍ଟ ହୋଇଯିବ ଜନମତ କାହା ସପକ୍ଷରେ ଓ କାହା ବିକ୍ଷରେ ଯାଇଛି। ଇଭିଏମ୍‌ରେ ବନ୍ଧା ହୋଇଯିବ ଆଶାୟୀ ପ୍ରାର୍ଥୀଙ୍କ ଭାଗ୍ୟ। କିଏ ବାଜିମାତ କଲେ ଓ କିଏ



ପରାଜୟର ମୁହଁ ଦେଖିଲେ ଭୋଟ ଗଣତି ପରେ ଜଣାପଡିବ। ତେଣୁ ସୋନପୁର ଜିଲ୍ଲା ବଲାଙ୍ଗୀର ଲୋକସଭା ରେ ଥିବାରୁ ସୋନପୁର ରେ ମଧ୍ୟ ଯୋର ଧରୀଛି ରାଜନୀତି ବଲାଙ୍ଗିର ଲୋକସଭା ଆସନ ପାଇଁ ୮ଜଣ ପ୍ରାର୍ଥୀ ଆଶାୟୀ ରହିଛନ୍ତି। ପ୍ରମୁଖ ଲଢେଇ ବିଜେପିର ସଙ୍ଗୀତା ସିଂହଦେଓ, ବିଜେଡିର କଳିକେଶ ନାରାୟଣ ସିଂହଦେଓ ଓ କଂଗ୍ରେସର ସମରେନ୍ଦ୍ର ମିଶ୍ରଙ୍କ ମଧ୍ୟରେ ଦେଖିବାକୁ ମିଳିବ। ୧୯୯୮, ୧୯୯୯ ଓ ୨୦୦୪ରେ କ୍ରମାଗତ ଭାବେ ସଙ୍ଗୀତା ସିଂହଦେଓ ବଲାଙ୍ଗିର ଲୋକସଭା ଆସନରୁ ସାଂସଦ ହୋଇଥିଲେ । ୨୦୦୯ ଓ ୨୦୧୪ରେ ଦିଅର କଳିକେଶଙ୍କ ଠାରୁ ସଙ୍ଗୀତା ପରାସ୍ତ ହୋଇଥିଲେ। ୨୦୧୪ରେ ନରେନ୍ଦ୍ର ମୋଦୀ ଆସି ପ୍ରଚାର କରିଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡି ନଥିଲା ବିଜେଡି ଉପରେ। କିନ୍ତୁ ୨୦୧୯ ନିର୍ବାଚନ ରୋଚକ ହେବାକୁ ଯାଉଛି। ସିଧାସଳଖ ବିଜେଡି-ବିଜେପି ମଧ୍ୟରେ ଲଢେଇ ହେବା ଜଳଜଳ ଦିଶୁଥିବା ବେଳେ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନୂଆ ଚେହେରା। ସମରେନ୍ଦ୍ରଙ୍କୁ ନେଇ ନୂଆ ସମ୍ଭାବନା ଆଶାରେ ରହିଛି କଂଗ୍ରେସ। ଭାଉଜ-ଦିଅର ଲଢେଇରେ ସମରେନ୍ଦ୍ର ଲାଭ ପାଇବେନି ତ! ଏଭଳି ଆଲୋଚନା ଏବେ ସାଧାରଣରେ।

# ସରକାରୀ ଜମିରେ ଆର୍‌କେଡିର କ୍ରସର ୟୁନିଟ୍

**ଖୋରଧା :** ସୂଚନା ଅଧିକାର ଆଇନ ଅନୁଯାୟୀ ଗୋଡ଼ିପଡ଼ା ଗ୍ରାମର ନୃସିଂହନାରାୟଣ ସାମନ୍ତରାୟ, ଟାଙ୍ଗୀ ତହସିଲ କାର୍ଯ୍ୟାଳୟକୁ ମାଗିଥିବା ତଥ୍ୟ ଅନୁଯାୟୀ ସରକାରୀ ଜମିକୁ ଜୋର ଜବରଦସ୍ତ ଦଖଲକରି ଆର.କେ.ଡ଼ି ନିର୍ମାଣ କରିଛି କ୍ରସର ୟୁନିଟ୍। ମିଳିଥିବା ସୂଚନା ଅନୁଯାୟୀ ଆର.କେ.ଡ଼ି ଦଖଲରେ ଥିବା ମୌଜା-ଖଜୁରିଆ, ତହସିଲ-ଟାଙ୍ଗୀ, ପ୍ଲଟ୍ ନଂ.୧୬୫, କିସମ-ସରକାରୀ ରାସ୍ତା, ପ୍ଲଟ୍ ନଂ.୧୬୪, କିସମ-ଗୋଚର, ପ୍ଲଟ୍ ନଂ.୧୫୭, କିସମ-ପାଣିମାହାଲ, ପ୍ଲଟ ନଂ.୨୩୦, କିସମ-ଛୋଟ ଜଙ୍ଗଲ, ପ୍ଲଟ ନଂ.୧୬୧, କିସମ-ଛୋଟ ଜଙ୍ଗଲ, ପ୍ଲଟ୍ ନଂ.୧୫୮, କିସମ-ପୁରାତନପତିତ, ପ୍ଲଟ ନଂ.୧୬୩, କିସମ-ବଗାୟତଦୁଇ ଉପରେ ଗାଡ଼ି ମଟୋର ଓ କଳାମୁଗୁନି ପଥରମାନ ରଖି ଦଖଲ କରିଛନ୍ତି। ଏହା ବ୍ୟତୀତ ସେଠାରେ ଏକ ବିରାଟ କ୍ରସର ୟୁନିଟ୍ ବସାଇଛନ୍ତି। ଏ ସମ୍ପର୍କରେ ଏକ ତଦନ୍ତ ରିପୋର୍ଟ ଅଚ୍ୟୁତପୁର ଆର.ଆଇ ତାଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା-୧୨୨ ତା.୧୧.୦୩.୨୦୧୯ରିଖରେ ତହସିଲଦାର ଟାଙ୍ଗୀଙ୍କୁ ଜଣାଇଥିବା ଜଣାପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ଏହି ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀମାନେ ଖୋର୍ଦ୍ଧା ଜିଲ୍ଲାପାଳ କେନ୍ଦ୍ରାଞ୍ଚଳ ଆର.ଡ଼ି.ସିଙ୍କର ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରସ୍ତୁତି ଚଳାଇଥିବା ବେଳେ ସହିତ ସରକାରୀ ଜମିକୁ ଜବର ଦଖଲ କରି ନିଜର କାୟା ବିସ୍ତାର କରିଥିବା ଆର.କେ.ଡ଼ି ସଂସ୍ଥା ବିରୋଧରେ ଯଦି ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତାହେଲେ ଆଗାମୀ ଦିନରେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବିଶାଳ ରୋଡ଼ ସୋ'ରେ ଜିତୁଙ୍କ ଶକ୍ତି ପ୍ରଦର୍ଶନ

**ଖୋରଧା :** ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆଉ ମାତ୍ର କିଛିଦିନ ବାକି ଅଛି। ଏବେ ନେତା ଓ କର୍ମୀଙ୍କର ପ୍ରଚାର ଜୋର ଧରିଛି। ଏଥିରୁ ବାଦ ପଡ଼ିନି ବିଜେଡ଼ି। ଖୋର୍ଦ୍ଧା ବିଧାନ ସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳର ପାର୍ଥୀ ହୋଇଥିବା ଜିତୁ ମିତ୍ର ପ୍ରଚାର ମଇଦାନରେ ଆଗରେ ରହିଛନ୍ତି। ପଞ୍ଚାୟତ ଓ ୱାର୍ଡ଼ ବୁଲି କର୍ମୀ ଓ ଲୋକଙ୍କୁ ଭେଟୁଥିବା ବେଳେ ବୁଧବାର ଖୋର୍ଦ୍ଧା ପୌରାଞ୍ଚଳରୁ ନିଜର ପ୍ରଚାରର ଶୁଭାରମ୍ଭ କରିଛନ୍ତି। ପୌରାଞ୍ଚଳ ଅନ୍ତର୍ଗତ ଗୁରୁଜଙ୍ଗସ୍ଥିତ ଦଧିବାମନ ଛକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ନିଜର ସମର୍ଥକ, କର୍ମୀଙ୍କୁ ନେଇ ଏକ ବିରାଟ ଶୋଭା ଯାତ୍ରାରେ ୧୬, ୧୭, ୧୮ ଓ ୧୯ ନମ୍ବର ୱାର୍ଡ଼ର ନନ୍ଦସାହି, ମାଳିସାହି, ଟାଙ୍ଗୀସାହି, କୋଚିଲାକଣ ସାହି, ଦ୍ୱାରିକା ନଗର, ହାଉସିଂ ବୋର୍ଡ଼, ଦେୱାନସାହିରେ ପ୍ରଚାର ଓ ଶୋଭା ଯାତ୍ରା କରିଥିଲେ। ଜିତୁ ମିତ୍ରଙ୍କ ସହିତ ଭୁବନେଶ୍ୱର ଲୋକସଭା ପାର୍ଥୀ ଅରୁପ ପଟ୍ଟନାୟକ, ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ପୌରପରିଷଦର ଉପାଧ୍ୟକ୍ଷ ଟିକିନା ସିଂହ, ପୂର୍ବତନ କାଉନସିଲର ରିତେଶ ସାହୁ, ବିଭୁତି ବେହେରା, ରବିନାରାୟଣ ବେଉରା, ବିଜୟ ସେଠୀ, ଦେବ ରଥ, ଅବ୍ୟକ୍ତ ହରିହର



ଖାଡ଼େଙ୍ଗା, ଟୁଟୁ ବଳିୟାରସିଂହ, ଜୟକୃଷ୍ଣ ମହାପାତ୍ର, ଲକ୍ଷ୍ମୀଧର ସାହୁ ଗତକାଲି ବିଜେଡ଼ିରେ ଯୋଗ ଦେଇଥିବା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ମହମ୍ମଦ ଆରିଫ, ରୀତାରାଣୀ ବେହେରା, ଉର୍ମିଳା ପରିଡ଼ା, ରୀତା ବେହେରାଙ୍କ ସମେତ ୨୨ ଗୋଟି ୱାର୍ଡ଼ର ପୌରପରିଷଦର ପୂର୍ବତ୍ତନ ଉପାଧ୍ୟକ୍ଷ, ୧୮ଜଣ ପୂର୍ବତନ କାଉନସିଲର ଓ ୩ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଏହି ରୋଡ଼ ସୋରେ ସାମିଲ ହୋଇଥିଲେ। ଜିତୁ ମିତ୍ରଙ୍କର ୬୯ତମ ଜନ୍ମଦିବସରେ ଉପସ୍ଥିତ କର୍ମୀ ତାଙ୍କୁ ଶୁଭେଚ୍ଛା ଦେବା ସହ ନିର୍ବାଚନରେ ବିଜୟୀ ହେବା ପାଇଁ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ସନ୍ଧ୍ୟାରେ ଟାଙ୍ଗୀ ବ୍ଲକ୍ ହରିପୁର ପଞ୍ଚାୟତରେ ଏକ ବିଶାଳ କର୍ମୀ ସମ୍ମିଳନୀରେ ଜିତୁ ମିତ୍ର ଯୋଗ ଦେଇ ପଞ୍ଚମ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କର୍ମୀ କରିବା ସହ ଶଙ୍ଖ ଚିହ୍ନରେ ଭୋଟ ଦେଇ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ତାଙ୍କୁ ବିଜୟୀ କରିବା ପାଇଁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ।


## 'ଓଡ଼ିଶାରେ ପରିବର୍ତ୍ତନର ସ୍ୱର'

**ଭୁବନେଶ୍ୱର :** ଶାସକ ଦଳର ପାଦତଳୁ ମାଟି ଖସିଯାଉଥିବା କାରଣରୁ ରକ୍ତମୁଖା ହୋଇଉଠିଛି । ବିଭିନ୍ନ ସ୍ଥାନରେ ହିଂସାର ଉପାୟକୁ ଅବଲମ୍ବନ କରିବା ସେମାନେ ଆରମ୍ଭ କରିଛନ୍ତି । ତେବେ ପ୍ରଜାତନ୍ତ୍ରରେ ଭୋଟଦାନରୁ ବଡ଼ ଅଧିକାର କିଛି ନାହିଁ । ନିଜର ମତକୁ ଅବ୍ୟବସ୍ଥା ଅତ୍ୟାଚାରୀ ଲୋକଙ୍କ ବିରୋଧରେ ନିର୍ଣ୍ଣାୟକ ସ୍ତରକୁ ନେଇ ସେମାନଙ୍କୁ ଉଚିତ ଜବାବ ଦେବାକୁ ପଡ଼ିବ ବୋଲି ଓଡିଶାର ଭାଇ ଭଉଣୀଙ୍କୁ ସାମାଜିକ ଗଣମାଧ୍ୟମରେ ଅନୁରୋଧ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ପ୍ରଥମ ପର୍ଯ୍ୟାୟ ଭୋଟରେ ରାଜ୍ୟରେ ପରିବର୍ତ୍ତନର ସ୍ୱର ସ୍ପଷ୍ଟ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତକାଲି ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୪ଟି ଲୋକସଭା ଓ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ନିର୍ବାଚନ ସମ୍ପୂର୍ଣ୍ଣ ହୋଇଛି । ବଡ଼ ଉତ୍ସାହର ସହ ଯୁବପିଢି ଓ ମା' ଭଉଣୀ ଓ ଗୁରୁଜନମାନେ ଭୋଟ କେନ୍ଦ୍ରକୁ ଆସି ଭୋଟ ଦେଇଛନ୍ତି। ଏହି ବଡ଼ ପ୍ରଜାତନ୍ତ୍ରରେ ସମସ୍ତେ ସାମିଲ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏଥର ଓଡ଼ିଶାରେ ଭୋଟ ଚିଟ୍‌ଫଣ୍ଡ ଲୁଟେରାମାନଙ୍କୁ ଜେଲ୍ ପଠାଇବା ପାଇଁ ହୋଇଛି, ଓଡିଶାର ଲୋକମାନେ ଦାଦନ ଖଟିବାକୁ ନଯାଇ ଏଠାରେ ରୋଜଗାର ବଢ଼ାଇବା ପାଇଁ ହୋଇଛି। ନବୀନବାବୁଙ୍କ ୧୯ ବର୍ଷର ଅପାରଗତା, ଅବ୍ୟବସ୍ଥା, ସମ୍ବେଦନହୀନତା, ରାଧୁଆମିଛୁଆ କାହାଣୀକୁ ଶେଷ କରିବା ପାଇଁ ଏଥର ଭୋଟ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ସ୍ମାର୍ଟଫୋନ ମାୟାରେ ବାୟା ଯୁବପିଢ଼ି

# ବ୍ଲୁହ୍ୱେଲ ପରେ ପବ୍‌ଜି ଓ ଟିକ୍‌ଟକ ଜାଲ

**ସୋନପୁର :** ଧୀରେ ଧୀରେ ସ୍ମାର୍ଟ ହେବାରେ ଲାଗିଛି ଗାଁଠୁ ସହର। ଗାଁ ହେଉ କି ସହର, ପାଠ ପଢୁଥାନ୍ତୁ କି ନାହିଁ; ପ୍ରାୟ ସମସ୍ତ ଅଳ୍ପ ବୟସ୍କ ଛାତ୍ରଛାତ୍ରୀଙ୍କ ହାତରେ ସ୍ମାର୍ଟଫୋନ। ସ୍ମାର୍ଟଫୋନର ବ୍ୟବହାର ଯୋଗୁଁ ଜ୍ଞାନ ଆହରଣ ଶୈଳୀରେ ପରିବର୍ତ୍ତନ ହୋଇଛି। ଅନ୍ୟ ପକ୍ଷରେ ଏହାର ଅପବ୍ୟବହାର ଯୋଗୁଁ ଛାତ୍ରଛାତ୍ରୀଙ୍କ ମାନସିକ ଚାପ ବୃଦ୍ଧି ପାଇଛି। ଆଗରୁ ବ୍ଲୁ-ହ୍ୱେଲ ଓ ଏବେ ପବ୍‌ଜି, ଟିକ୍‌ଟକ୍ ମାୟାରେ ବାୟା ଛାତ୍ରଛାତ୍ରୀ। ଏହାକୁ ନେଇ ଅଭିଭାବକ ଚିନ୍ତାରେ ରହିଛନ୍ତି। ଅଳ୍ପ ବୟସ୍କ ଛାତ୍ରଛାତ୍ରୀଙ୍କୁ ଲାଗିଛି ସ୍ମାର୍ଟଫୋନ ନିଶା। ପବ୍‌ଜି ଗେମ ଓ ଟିକ୍‌ଟକ୍ ସାଇଟ ମାୟାରେ ବାୟା ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ। ହାଇସ୍କୁଲ, କଲେଜ ଏପରିକି ପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀ ମଧ ସ୍ମାର୍ଟଫୋନ ନିଶାରେ ପାଗଳ। ବିଦ୍ୟାଳୟ ମାନଙ୍କରେ ମଧ୍ୟ ମୋବାଇଲରୁ କିଭଳି ଜ୍ଞାନ ଆହରଣ କରାଯିବ ସେନେଇ ଛାତ୍ରଛାତ୍ରୀଙ୍କୁ କୁହାଯାଉଛି। ଏପରିକି ସ୍ମାର୍ଟଫୋନ ଶିକ୍ଷା ଗ୍ରହଣର ଶୈଳୀରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। କିନ୍ତୁ ସ୍ମାର୍ଟଫୋନ ନିଶାରେ




ଛାତ୍ରଛାତ୍ରୀଙ୍କ କେତେ ଅଧୋପତନ ହେଉଛି ତାକୁ ନେଇ କେହି ଚିନ୍ତା କରୁନାହାନ୍ତି। ଶିକ୍ଷାକୁ ଦ୍ୱାହି ଦେଇ ଛାତ୍ରଛାତ୍ରୀ ହ୍ୱାଟ୍ସଆପ, ଫେସବୁକ, ଟିକ୍‌ଟକ୍ ଭଳି ଅନେକ ସୋସିଆଲ ସାଇଟକୁ ନିୟମିତ ବ୍ୟବହାର କରିବା ସହ ଅନଲାଇନ ଗେମ୍ ପବ୍‌ଜି ଖେଳିବାରେ ସମୟ ଅପଚୟ କରୁଛନ୍ତି। ଛାତ୍ରଛାତ୍ରୀ ଏହାର ମାୟାଜାଲରେ ଫଶି ଶିକ୍ଷାରୁ ଦୂରେଇ ରହିବା ସହିତ ବହୁ ସମୟ ସୋସିଆଲ ମିଡିଆ, ଗେମ୍‌ରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ପରିଣାମ ସ୍ୱରୂ ଅଳ୍ପବୟସ୍କ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନଙ୍କ ମାନସିକ ଚାପ ବୃଦ୍ଧି ପାଉଛି। ବର୍ଷକ ପୂର୍ବରୁ ବିଶ୍ୱରେ ବ୍ଲୁହ୍ୱେଲ ଗେମ ମାୟାଜାଲରେ ପଡି ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବାକୁ ଲାଗିଥିଲେ। ଏବେ ଏହି ଗେମ୍ ବଦଳରେ ପବ୍‌ଜି ନାମକ ଏକ ଅନଲାଇନ ଖେଳରେ ମାତିଛନ୍ତି ଛାତ୍ରଛାତ୍ରୀ। ସେହି ପରି ଟିକଟକ ନାମକ ମ୍ୟୁଜିକାଲ ସୋସିଆଲ ସାଇଟରେ ଯୁବକ ଯୁବତୀ ଓ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଗୀତରେ ନାଚ କରି ଅପଲୋଡ କରୁଥିବା ଦେଖିବାକୁ ମିଳୁଛି। ସୋନପୁର ସହର ହେଉ କି ଆଖପାଖ ଗାଁ ପ୍ରାୟ ସବୁଠି ସ୍ୱାର୍ଟଫୋନ ମାୟାରେ ବାୟା ସମସ୍ତେ। ଦୈନନ୍ଦିନ ଜୀବନକୁ ସରଳ ଓ ସହଜ କରିବା ପାଇଁ ବ୍ୟସ୍ତତାରେ ବୁଡି ରହୁଥିବା ପିତାମାତା ଛୁଆଙ୍କୁ ସ୍ମାର୍ଟଫୋନ ଧରାଇ ଦେଉଛନ୍ତି। କିନ୍ତୁ ଏହା ଯେ ଶିଶୁ ପାଇଁ କେତେ କ୍ଷତିକାରକ ତାହା ଭାବୁନାହାନ୍ତି। ଅନଲାଇନ ଜୀବନ ନେଉଥିବା ଗେମ୍ ସାମ୍ନାକୁ ଆସିବା ପରେ ସରକାର ମଧ୍ୟ ବିଦ୍ୟାଳୟରେ ସତର୍କତା ଜାରି କରିଥିଲେ। କିନ୍ତୁ ଏହି ନିୟମକାନୁନକୁ ପଚାରେ କିଏ? ସୋନପୁର ଜିଲାରେ ଥିବା ସରକାରୀ ଓ ବେସରକାରୀ ମହା ବିଦ୍ୟାଳୟରେଛାତ୍ରଛାତ୍ରୀ ମୋବଇଲରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ କିଛି ଯୁବକ ଯୁବତୀ, ମାନଙ୍କ ମଧ୍ୟରେ ରହିଥିବା ପ୍ରେମ ସମ୍ପର୍କୟ ଓ ସେମାନଙ୍କ ଦ୍ୱାରା ମୋବାଇଲରେ ଉତ୍ତୋଳନ ହୋଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ମଧ୍ୟ ଭାଇରାଲ ହେଉଛି। ଏଥିରୁ ମୁକୁଳିବା ପାଇଁ ସେମାନଙ୍କ ପାଖରେ ବାଟ ନଥିବା ବେଳେ ଏହାକୁ ନେଇ ଅଭିଭାବକ ଚିନ୍ତିତ ହୋଇପଡ଼ିଛନ୍ତି। ସରକାର ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ପର୍ଯ୍ୟଟନ



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

# ବଦ୍ରିନାଥ ଦର୍ଶନ





ପୂର୍ବରୁ ଶ୍ରୀକ୍ଷେତ୍ର ପୁରୀ, ପଶ୍ଚିମରେ ଦ୍ୱାରିକା, ଦକ୍ଷିଣରେ ରାମେଶ୍ୱରମ୍ ଓ ଉତ୍ତରରେ ପ୍ରସିଦ୍ଧ ବଦ୍ରିନାଥ ଧାମ; ଭାରତର ପବିତ୍ର ଚାରିଧାମ ଭାବରେ ପରିଚିତ। ପ୍ରଥମ ତିନିଧାମ ଦର୍ଶନ କରି ସାରିବା ପରେ ସୁଦୂର ଉତ୍ତରାଖଣ୍ଡ ରାଜ୍ୟରେ ଅବସ୍ଥିତ ଭଗବାନ ବିଷ୍ଣୁଙ୍କ ପବିତ୍ର ମନ୍ଦିର ଦର୍ଶନ କରିବା ପାଇଁ ୨୦୧୬ ମସିହା ଜୁନ୍ ମାସ ୨୦ ତାରିଖରେ ବଦ୍ରିନାଥଧାମ ଯାତ୍ରା କଲୁ। ଏଥିରେ ମୋ ସ୍ୱାମୀଙ୍କ ସହ ଆଉ ଚାରିଜଣ ତୀର୍ଥଯାତ୍ରୀ ସାମିଲ ହେଲେ। ଆଗରୁ ଏକାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ସରିଥିଲା। ତେଣୁ ଏକାସାଙ୍ଗରେ କେଦାରନାଥ ଦର୍ଶନ କରିବା ପାଇଁ ସ୍ଥିର କଲୁ। ଗତ ସଂଖ୍ୟାରେ କେଦାରନାଥ ଦର୍ଶନ ଉପରେ ମୋର ଭ୍ରମଣ କାହାଣୀ ପ୍ରକାଶିତ ହୋଇଛି। ବହୁତ ଲୋକଙ୍କର ବିଚାର ଯେ, ଯଦି ଭଗବାନ ସର୍ବବ୍ୟାପକ ତେବେ ସୁଦୂର ମନ୍ଦିର ଯାତ୍ରାର ଆବଶ୍ୟକତା କ'ଣ? ଜଣେ ଯଦି ଦୁଇଗୋଡ଼ରେ ଚାଲିପାରେ, ସେ ବାଡ଼ିର ସାହାଯ୍ୟ ନିଏ ନାହିଁ, କିନ୍ତୁ ଯାହାର ସାମର୍ଥ୍ୟ ନାହିଁ ତାହାର ସାହାଯ୍ୟ ଦରକାର ହୁଏ। ଶାରୀରିକ ସ୍ତରରେ ଯେପରି ସାହାରା ଆବଶ୍ୟକ, ମାନସିକ ଓ ବୌଦ୍ଧିକ ସ୍ତରରେ ମଧ୍ୟ ସାହାରା ଦରକାର ହୁଏ। ଉଦାହରଣ ସ୍ୱରୂପ, ଆମେ କହୁ, ଭଗବାନ ପ୍ରତ୍ୟେକ ବସ୍ତୁରେ ଓ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ବିଦ୍ୟମାନ। ତାହା ଯଦି ଆମେ ଠିକ୍ ଭାବରେ ଉପଲବ୍ଧି କରନ୍ତେ, ତେବେ ଅନ୍ୟକୁ ଠକନ୍ତେ ନାହିଁ କି ଖରାପ ବ୍ୟବହାର କରନ୍ତେ ନାହିଁ। ଆମେ ଏହି ସତ୍ୟକୁ ଅନୁଭବ କରିପାରୁକି? ସଂକ୍ଷେପରେ ମନ୍ଦିର, ମୂର୍ତ୍ତି ଓ ତୀର୍ଥସ୍ଥାନ ହୃଦୟରେ ଭଗବାନଙ୍କୁ ଅନୁଭବ କରିବାରେ ସହାୟକ ହୁଏ ଓ ଧୀରେ ଧୀରେ ଆମ ଭିତରେ ଦୈବପ୍ରୀତି ଓ ପାପଭୀତି ପ୍ରକଟ ହେବାରେ ସାହାଯ୍ୟ କରେ। କଥାରେ ଅଛି 'ଧନ ଅର୍ଜନେ ଧର୍ମକରି, ଧର୍ମେ ପ୍ରାପତ ନରହରି'। ଏହି ପରମ ସତ୍ୟକୁ ଉପଲବ୍ଧ କରିବାର ଆଶା ନେଇ ବଦ୍ରିନାଥ ଓ କେଦାରନାଥ ଯାତ୍ରାର ପରିକଳ୍ପନା କଲୁ। ରେଳ ଯୋଗେ ଦିଲ୍ଲୀ ଓ ତାପରେ ହରିଦ୍ୱାରରେ ପହଞ୍ଚି ସେଠାରେ ରାତ୍ରିଯାପନ କଲୁ। ତାପରଦିନ ସକାଳୁ ପୂର୍ବରୁ ପ୍ରସ୍ତୁତ ଇନୋଭାଗାଡ଼ିରେ ଆମେ ଛଅଜଣ ତୀର୍ଥଯାତ୍ରୀ ଯାତ୍ରାରମ୍ଭ କଲୁ। ରାସ୍ତାର ଦୁଇପାର୍ଶ୍ୱରେ ସୁଉଚ୍ଚ ଗିରିଶୃଙ୍ଗ ପାଇନ୍, ଝାଉଁ ଇତ୍ୟାଦି ବିରାଟ ବୃକ୍ଷମାନ, ସ୍ୱର୍ଗୀୟ ସୁଗନ୍ଧରେ ପରିପୂର୍ଣ୍ଣ ଜଙ୍ଗଲୀ ପୁଷ୍ପବୃକ୍ଷ, ଅଳକାନନ୍ଦା, ଭାଗୀରଥୀ ଓ ଗଙ୍ଗା ଆଦି ଚରିସ୍ରୋତା ନଦୀ ଓ ସେମାନଙ୍କ ଉପନଦୀ ମାନଙ୍କର କୁଳୁକୁଳୁ ନାଦରେ ମନ ବିଭୋର ହୋଇ ଉଠୁଥାଏ। ସନ୍ଧ୍ୟା ପୂର୍ବରୁ ହରିଦ୍ୱାର ଠାରୁ ୯୩ କିମି ଦୂରରେ ଅବସ୍ଥିତ ଦେବ ପ୍ରୟାଗ ଠାରେ ରାତ୍ରିଯାପନ କଲୁ। ଏହା ଉତ୍ତରାଖଣ୍ଡର ଏକ ଜିଲ୍ଲା ଏବଂ ପଞ୍ଚପ୍ରୟାଗ ମଧ୍ୟରେ ଅନ୍ୟତମ। ଯେଉଁଠାରେ ଦୁଇ ବା ଅଧିକ ନଦୀର ମିଳନ ଘଟେ, ସେହି ସ୍ଥାନକୁ ପ୍ରୟାଗ କୁହାଯାଏ। ହିମାଳୟରେ ଅବସ୍ଥିତ ପଞ୍ଚ ପ୍ରୟାଗମାନେ ହେଲେ ଦେବ ପ୍ରୟାଗ, ରୁଦ୍ର ପ୍ରୟାଗ, କର୍ଣ୍ଣ ପ୍ରୟାଗ, ନନ୍ଦ ପ୍ରୟାଗ ଏବଂ ବିଷ୍ଣୁ ପ୍ରୟାଗ। ଦେବ-ପ୍ରୟାଗ ପବିତ୍ର ଭାଗିରଥୀ ଓ ଅଳକାନନ୍ଦା ନଦୀର ସଂଗମସ୍ଥଳ। କି ବିଚିତ୍ର ଦୃଶ୍ୟ! ପବିତ୍ର ଭାଗିରଥୀ ନଦୀର ଜଳ ସମ୍ପୂର୍ଣ୍ଣ ନୀଳ ହୋଇଥିବାବେଳେ ଅଳକାନନ୍ଦା ନଦୀ ଜଳ ମାଟିଆ ଓ ଗୋଳିଆ। ଏହି ସଂଗମ ପରେ ଅର୍ଥାତ୍ ଦେବପ୍ରୟାଗ ପରଠାରୁ ଦୁଇନଦୀ ଗଙ୍ଗା ନାମରେ ପରିଚିତ।

ତାପରଦିନ ପ୍ରଥମେ କେଦାରନାଥ ଯାତ୍ରା କରିବାର ଯୋଜନା ଥିଲେ ମଧ୍ୟ ହେଲିକେପ୍ଟରରେ ଯାନ୍ତ୍ରିକ ତୃଟି ଯୋଗୁଁ ବଦ୍ରିନାଥ ଯାତ୍ରାକଲୁ। ହିମାଳୟର ଅଙ୍କାବଙ୍କା ପାହାଡ଼ିଆ ଓ ଜଙ୍ଗଲ ରାସ୍ତା ଅତିକ୍ରମ କରି ବଦ୍ରିନାଥଧାମ ଯାତ୍ରା କରିବାକୁ ପଡ଼େ। ରାସ୍ତାରେ କାଁ ଭାଁ ଜନବସତି ଦେଖିବାକୁ ମିଳେ। ପୂର୍ବରୁ ତୀର୍ଥଯାତ୍ରୀମାନେ ଅତ୍ୟନ୍ତ କଷ୍ଟସ୍ୱୀକାର କରି ଦୁର୍ଗମ ରାସ୍ତାରେ ପାଦରେ ଚାଲି ଚାଲି ଯାଉଥିଲେ। ମାତ୍ର ବର୍ତ୍ତମାନ ବଦ୍ରିନାଥ ପର୍ଯ୍ୟନ୍ତ ପିଚୁରାସ୍ତାରେ ମଟରଯାନରେ ଯାତ୍ରୀମାନେ ଆରାମରେ ଯାଇ ପାରୁଛନ୍ତି। ପବିତ୍ର ବଦ୍ରିନାଥଧାମ ଉତ୍ତରାଖଣ୍ଡ ରାଜ୍ୟର ଚାମୋଲି ଜିଲ୍ଲାରେ ଅବସ୍ଥିତ। ଏହା ଅଳକାନନ୍ଦା ନଦୀର ଦକ୍ଷିଣ କୂଳରେ ସମୁଦ୍ରପତ୍ତନର ୩୩୧୩ ମିଟର ଉପରେ ଏକ ସୁନ୍ଦର ଆଧାତ୍ମିକ ପୀଠ। ଦୁଇ ପାର୍ଶ୍ୱରେ ନର ଓ ନାରାୟଣ ନାମକ ଦୁଇ ପର୍ବତ ଶୋଭାପାଉଅଛି। ଏହି ପବିତ୍ର ପୀଠ ଏକଦା ଅନେକ କୋଳିଗଛର ବଣବୁଦାରେ ପରିପୂର୍ଣ୍ଣ ଥିବାରୁ ଏହାର ନାମ ବଦ୍ରିବନ ଅର୍ଥାତ୍ କୋଳି ବଗିଚା ହୋଇଥିବାର ଅନୁମାନ କରାଯାଏ। ବଦ୍ରିନାଥଧାମ ଓ ବଦ୍ରିକାଶ୍ରମ କଥା ବେଦରେ ବର୍ଣ୍ଣିତ ଥିବାରୁ ବୈଦିକ ଯୁଗରୁ ଏଠାରେ ଶ୍ରୀବିଷ୍ଣୁ ପୂଜା ପାଉଥିବାର ଅନୁମାନ କରାଯାଏ। ବର୍ତ୍ତମାନ ପୂଜିତ ମୂର୍ତ୍ତି କିଏ କେବେ ଗଢ଼ିଥିଲେ ତାର କୌଣସି ପ୍ରମାଣ ନାହିଁ। ଭଗବାନଙ୍କ ନିର୍ଦ୍ଦେଶରେ ବ୍ରହ୍ମା ନାରଦ କୁଣ୍ଡରୁ ଶାଳଗ୍ରାମରେ ଖୋଦିତ ଏକ ମୂର୍ତ୍ତି ପ୍ରାପ୍ତ ହୋଇ ବିଶ୍ୱକର୍ମାଙ୍କୁ ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଲେ। ବିଷ୍ଣୁଙ୍କର ଏହି ମୂର୍ତ୍ତିକୁ ମନ୍ଦିରରେ ପ୍ରତିଷ୍ଠା କରି ବ୍ରହ୍ମା ପୂଜା ଅର୍ଚ୍ଚନା କଲେ ଓ ଶ୍ରୀମାନ୍ ନାରାୟଣଙ୍କର ପ୍ରତ୍ୟକ୍ଷ ଦର୍ଶନର ପୁଣ୍ୟ ଲାଭ କଲେ। ଏହାପରେ ଯୁଗପରେ ଯୁଗ ବିତିଯାଇଛି। ଆଦି ଶଙ୍କରାଚାର୍ଯ୍ୟଙ୍କର ବଦ୍ରିନାଥ ଆଗମନ ସମୟରେ ସେ ଏହି ଶାଳଗ୍ରାମ ମୂର୍ତ୍ତି ଅଳକାନନ୍ଦା ନଦୀରୁ ପ୍ରାପ୍ତ ହୋଇ ଏଠାରେ ଥିବା ତପ୍ତକୁଣ୍ଡ ନିକଟରେ ଏକ ଗୁମ୍ଫା ମଧ୍ୟରେ ସ୍ଥାପନା କରିଥିଲେ। ଶାସ୍ତ୍ରାନୁସାରେ ବର୍ତ୍ତମାନ ମନ୍ଦିର ଅଷ୍ଟାଦଶ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟଙ୍କ ସମୟରେ ଆରମ୍ଭ ହୋଇଥିଲା। ବିଭିନ୍ନ ସମୟରେ ପ୍ରତିକୂଳ ପରିସ୍ଥିତି ଯଥା ଭୂସ୍ଖଳନ, ଭୂମିକମ୍ପ ଓ ହିମପାତ ଦ୍ୱାରା କ୍ଷତିସାଧନ ହେବା ଯୋଗୁ ମନ୍ଦିରର ପୁର୍ନବିନ୍ୟାସ କରାଯାଇଛି। ଷୋଡ଼ଶ ଶତାବ୍ଦୀରେ ଗଡ଼ୱାଲ ରାଜା ବର୍ତ୍ତମାନ ପୂଜା ପାଉଥିବା ମନ୍ଦିରକୁ ବିଗ୍ରହଙ୍କୁ ସ୍ଥାନାନ୍ତରିତ କରିଥିଲେ। ଏହାପରେ ଉନ୍ନବିଂଶ ଶତାବ୍ଦୀରେ ସିନ୍ଧିଆ ଓ ହୋଲକାର ରାଜ ପରିବାର ଦ୍ୱାରା ମନ୍ଦିରର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ବଦ୍ରିନାଥ ମନ୍ଦିର ୫୦ ଫୁଟ ଉଚ୍ଚ। ମନ୍ଦିର ଉପରେ ସୁବର୍ଣ୍ଣ ଚାଦର ଆଚ୍ଛାଦିତ ଏକ ଗୋଲାକାର ଗମ୍ବୁଜ ଶୋଭାପାଉଅଛି। ମନ୍ଦିରର ଚାରିକାନ୍ଥ ପ୍ରସ୍ତର ନିର୍ମିତ। ଏଥିରେ ଥିବା ସୁନ୍ଦର କାରୁକାର୍ଯ୍ୟଯୁକ୍ତ ଗବାକ୍ଷମାନଙ୍କର ଓ ମୁଖ୍ୟଦ୍ୱାରର ଉପରିଭାଗ ଅର୍ଦ୍ଧ ଗୋଲାକାର। ପ୍ରଶସ୍ତ ପାହାଚମାନ ଚଢ଼ି ମନ୍ଦିରର ପ୍ରବେଶ ଦ୍ୱାର ଦେଇ ଭିତରକୁ ପ୍ରବେଶ କରିବାକୁ ପଡ଼େ। ଏହା ମନ୍ଦିରର ମୁଖ୍ୟଦ୍ୱାର ବା ସିଂହଦ୍ୱାର। ମନ୍ଦିରଟି ଏକ ବୌଦ୍ଧବିହାର ସଦୃଶ ନିର୍ମିତ। ମନ୍ଦିରଟି ତିନି ଭାଗରେ ବିଭକ୍ତ। ଯଥା ଗର୍ଭଗୃହ, ଦର୍ଶନ ମଣ୍ଡପ ଏବଂ ସଭାମଣ୍ଡପ। ଗର୍ଭଗୃହ ମଧ୍ୟ ଭାଗରେ ଏକ ମିଟର ଉଚ୍ଚ କଳାମୁଗୁନି ପ୍ରସ୍ତରରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥିବା ଶ୍ରୀବିଷ୍ଣୁଙ୍କର ଚତୁର୍ଭୁଜ ମୂର୍ତ୍ତି ବିରାଜିତ। ଦୁଇହାତ ଉର୍ଦ୍ଧ୍ୱକୁ ଟେକି ଅନ୍ୟ ଦୁଇହାତ ଯୋଗମୁଦ୍ରାରେ ରଖି ଶ୍ରୀବିଷ୍ଣୁ ପୂଜା ପାଉଛନ୍ତି। ଦର୍ଶନ ମଣ୍ଡପରେ ସମସ୍ତ ପୂଜାପାଠ ସମାପନ କରାଯାଏ। ପଣ୍ଡିତମାନେ ମନ୍ତ୍ରଧ୍ୱନି ସହିତ ଶ୍ରୀବିଷ୍ଣୁ ସହସ୍ରନାମ ଓ ବେଦପାଠ କରନ୍ତି। ସଭାମଣ୍ଡପରେ ଭକ୍ତମାନେ ଏକତ୍ରିତ ହୋଇ ପ୍ରଭୁଙ୍କୁ ଦର୍ଶନ କରନ୍ତି। ସକାଳ ପୂଜାରେ ଅଭିଷେକ, ମହାଭିଷେକ ଓ ଗୀତାପାଠ କରାଯାଉଥିବା ବେଳେ ସନ୍ଧ୍ୟା ସମୟରେ ଆରତୀ କରାଯାଏ ଓ ଗୀତଗୋବିନ୍ଦ ଗାନ କରାଯାଏ। ସକାଳ ୪.୩୦ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ତାପରେ ଅପରାହ୍ଣ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହେ। ପ୍ରବଳ ଥଣ୍ଡା ଓ ବରଫପାତ ଯୋଗୁ ପ୍ରତିବର୍ଷ ମନ୍ଦିର ଛଅମାସ ବନ୍ଦ ରହିବା ପରେ ଏପ୍ରିଲ ମାସ ଶେଷ ସପ୍ତାହରେ ଖୋଲାଯାଏ ଏବଂ ନଭେମ୍ବର ମାସ ଦୀପାବଳୀ ପରେ ବନ୍ଦ ହୁଏ। ଏହି ସମୟରେ ଶ୍ରୀବିଷ୍ଣୁଙ୍କ ଚଳନ୍ତିପ୍ରତିମା ଯୋଶୀମଠ ଠାରେ ପୂଜା ପାଆନ୍ତି। ଆଶ୍ଚର୍ଯ୍ୟର କଥା ଏହି ଛଅ ମାସ ଧରି ବଦ୍ରିନାଥ ମନ୍ଦିର ମଧ୍ୟରେ ଏକ ଅଖଣ୍ଡ ପ୍ରଦୀପ ଜଳୁଥାଏ।


ପୁରାଣରେ ବର୍ଣ୍ଣିତ ହୋଇଛି ଯେ, ବଦ୍ରିନାଥଧାମ ବହୁ ପୂର୍ବରୁ ଶିବଙ୍କର ବିରାଜସ୍ଥଳୀ ଥିଲା। ଭଗବାନ ବିଷ୍ଣୁ ଜଗତର ମଙ୍ଗଳ ପାଇଁ ନରନାରାୟଣ ଭାବରେ ଏଠାରେ ଘୋର ତପସ୍ୟା କଲେ। ଏହି ସ୍ଥାନକୁ ଦେଖି ଭଗବାନ ବିଷ୍ଣୁ ଏତେ ବିମୋହିତ ହୋଇ ପଡ଼ିଲେ ଯେ ସେ ଶିବଙ୍କୁ ଏଠାରୁ ସ୍ଥାନାନ୍ତରିତ କରି ନିଜେ ବିରାଜମାନ କରିବାକୁ ମନସ୍ଥ କଲେ। ସେଥିପାଇଁ ସେ ଏକ କୌତୁକିଆ ପିଲା ହୋଇ ଅହରହ କ୍ରନ୍ଦନ କରିବାକୁ ଲାଗିଲେ। ଫଳରେ ଶିବଙ୍କର ତପସ୍ୟାରେ ବାଧା ସୃଷ୍ଟି ହେଲା, ମାତା ପାର୍ବତୀ ପିଲାଟିକୁ କୋଳକୁ ନେଇ ଯେତେ ବୁଝେଇଲେ ମଧ୍ୟ ପିଲାଟି ଆହୁରି ଅଧିକ କାନ୍ଦିବାକୁ ଲାଗିଲେ। ଶେଷରେ ପିଲାଟିକୁ ଗୁମ୍ଫାରେ ଶୁଆଇଦେଇ ଶିବପାର୍ବତୀ ତପ୍ତକୁଣ୍ଡରେ ସ୍ନାନ ସାରି ଫେରି ଦେଖିଲେ ଯେ ଗୁମ୍ଫାର ଦ୍ୱାର ବନ୍ଦ ଅଛି। ଶିବ ଏହାର ରହସ୍ୟ ବୁଝିପାରି କେଦାରନାଥ ପଳାୟନ କଲେ। ମାତ୍ର ଶିବ ଭଲପାଉଥିବା ବଦ୍ରି ବା କୋଳିଗଛ ସେହିଠାରେ ରହିଯିବାରୁ ସ୍ଥାନଟିର ନାମ ବଦ୍ରିକାଶ୍ରମ ବା ବଦ୍ରିନାଥ ହୋଇ ରହିଲା। ବଦ୍ରିନାଥ ନିକଟରେ ଥିବା ଗିରିଶୃଙ୍ଗମାନ ବିଷୟରେ ମହାଭାରତରେ ବର୍ଣ୍ଣିତ। ପାଣ୍ଡବମାନେ ସ୍ୱର୍ଗାରୋହଣ ସମୟରେ ବଦ୍ରିନାଥ ଦର୍ଶନ କରି ଏଠାରୁ ୪ କିମି ଦୂରରେ ଥିବା ମାଣା ଗ୍ରାମ ବାଟେ ପଶ୍ଚିମ ଗଡ଼ୱାଲଠାରେ ପର୍ବତାରୋହଣ କରିଥିଲେ। ମାଣାଗ୍ରାମ ଭାରତ ଓ ଚୀନ ସୀମାରେ ଅବସ୍ଥିତ ଭାରତର ଶେଷ ଗ୍ରାମ। ମନ୍ଦିର ଭିତରେ ଥିବା ଅଗ୍ନିତୀର୍ଥ ବା ତପ୍ତକୁଣ୍ଡ ଅତ୍ୟନ୍ତ ପବିତ୍ର। ଏହାର ପାଣି ସର୍ବଦା ଫୁଟନ୍ତା ଅବସ୍ଥାରେ ଥାଏ। ଏଠାରେ ବୁଡ଼ ପକାଇଲେ ମଣିଷ ସମସ୍ତ ପାପରୁ ମୁକ୍ତିପାଏ ବୋଲି ବିଶ୍ୱାସ କରନ୍ତି। ମନ୍ଦିର ପରିସରରେ ଶ୍ରୀ ଶଙ୍କରାଚାର୍ଯ୍ୟ ମନ୍ଦିର, ଆଦି କେଦାରଜୀ ମନ୍ଦିର (ପ୍ରଥମେ ଆଦି କେଦାରଜୀଙ୍କୁ ଦର୍ଶନ କରି ତାପରେ ବଦ୍ରି ନାରାୟଣଙ୍କୁ ଦର୍ଶନ କରନ୍ତି), ନାରଦ କୁଣ୍ଡ, ପଞ୍ଚଶୀଳା ଯଥା ନାରଦଶୀଳା, ନୃସିଂହଶୀଳା, ବାରାହୀଶୀଳା, ଗରୁଡ଼ ଶୀଳା ଓ ମାର୍କଣ୍ଡେୟ ଶୀଳା ଆଦି ବିରାଜମାନ। ବଦ୍ରିନାଥ ଆଖପାଖରେ ଅନେକ ତୀର୍ଥସ୍ଥାନ ଅବସ୍ଥିତ। ପ୍ରତ୍ୟେକ ସ୍ଥାନ ନିଜର ସ୍ୱାତନ୍ତ୍ର୍ୟ ତଥା ଇତିହାସ ବହନ କରେ। ଏଠାରୁ ୧୨କିମି ଦୂରରେ ହନୁମାନଚାଟି ଏକ ପବିତ୍ର ସ୍ଥାନ। ଭୀମ ଦ୍ରୌପଦୀଙ୍କ ପାଇଁ ପାରିଜାତ ପୁଷ୍ପ ଆଣିବାପାଇଁ ସ୍ୱର୍ଗ ଯାତ୍ରା ସମୟରେ ହନୁମାନ ଏକ ବୃଦ୍ଧମର୍କଟ ଭାବରେ ରାସ୍ତାରେ ଲାଙ୍ଗୁଡ଼ ଥୋଇ ବସିଥିଲେ। ପ୍ରବଳ ପରାକ୍ରମୀ ଭୀମ ତାଙ୍କର ଲାଙ୍ଗୁଡ଼ ଉଠାଇ ନପାରି ପବନପୁତ୍ର ମହାବୀର ହନୁମାନଙ୍କ ପରିଚୟ ପାଇଥିଲେ। ଏହା ମହାଭାରତରେ ବର୍ଣ୍ଣିତ। ବଦ୍ରିନାଥ ଠାରୁ ୪୨ କିମି ଦୂରରେ ଚାମୋଲି ଜିଲ୍ଲାର ହେମକୁଣ୍ଡ ହ୍ରଦକୂଳରେ ହେମକୁଣ୍ଡ ସାହେବ ଅବସ୍ଥିତ। ଏହା ଶିଖ ମାନଙ୍କର ପାଞ୍ଚଟି ତୀର୍ଥସ୍ଥାନ ମଧ୍ୟରେ ଅନ୍ୟତମ। ଏଠାରେ ଗୁରୁ ଗୋବିନ୍ଦ ତପସ୍ୟା କରିଥିଲେ। ବଦ୍ରିନାଥ ଠାରୁ ୩ କିମି ଦୂରରେ ଅଳକାନନ୍ଦା ନଦୀ କୂଳରେ ମାତା ମୂର୍ତ୍ତିମନ୍ଦିର ଅବସ୍ଥିତ। ଏହା ବଦ୍ରିନାଥଙ୍କ ମାତାଙ୍କର ମନ୍ଦିର। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପ୍ରତିଦିନ ହଜାର ହଜାର ତୀର୍ଥଯାତ୍ରୀ ଭକ୍ତିର ସହ ବଦ୍ରିବିଶାଳଙ୍କୁ ଦର୍ଶନ କରିବା ପାଇଁ ଏଠାକୁ ଯାତ୍ରା କରନ୍ତି ଓ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ କରନ୍ତି। ଯିଏ ବର୍ଣ୍ଣନାତୀତ, ତାଙ୍କୁ ଭାଷାରେ ବର୍ଣ୍ଣନା କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ତଥାପି କିଛି ଅଭିଜ୍ଞତା, କିଛି ଇତିହାସ ଓ ପୌରାଣିକ ତଥ୍ୟକୁ ଭିତ୍ତିକରି ମୋର ଏହି ଭ୍ରମଣ କାହାଣୀ ବର୍ଣ୍ଣନା କରିବାକୁ ପ୍ରୟାସ କରିଛି। ପାଠକମାନେ ବଦ୍ରିନାରାୟଣଙ୍କର ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ।

*ପ୍ଲଟ ନଂ - ୧୦୮୨/ଡି, ସେକ୍ଟର-୬, ମର୍କତନଗର, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*









## ଆସ ବୁଲିଯିବା








# ମୁକ୍ତିମଣ୍ଡପ ପଣ୍ଡିତସଭା ଆଜି ଦିଶାହୀନ: ଶଙ୍କରାଚାର୍ଯ୍ୟ

**ପୁରୀ :** ୨୫୦୩ ବର୍ଷ ପୂର୍ବେ ଭଗବତ ପାଦ ଆଦି ଶଙ୍କରାଚାର୍ଯ୍ୟ ୨୪ବର୍ଷ ବୟସରେ ବୈଶାଖ ଶୁକ୍ଳ ଦଶମୀ ତିଥିରେ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମଙ୍କୁ ନିଜ କରକମଳରେ ଶ୍ରୀମନ୍ଦିରରେ ପୁନଃ ପ୍ରତିଷ୍ଠିତ କରିଥିଲେ। ପୁରୁଷୋତ୍ତମ କ୍ଷେତ୍ରର ପ୍ରବନ୍ଧନ କରିଥିଲେ ଆଦି ଶଙ୍କରାଚାର୍ଯ୍ୟ। ଆଦି ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ପୀଠରେ ତାଙ୍କର ପ୍ରଥମ ଶିଷ୍ୟ ପ୍ରଭୁ ପାଦାଚାର୍ଯ୍ୟଙ୍କୁ ଏହି କ୍ଷେତ୍ରର ପ୍ରବନ୍ଧନ ଦାୟିତ୍ୱ ପ୍ରଦାନ କରିଥିଲେ। ସେହି କାଳରୁ ତାଙ୍କ ପରମ୍ପରାରେ ଯିଏ ବି ଶଙ୍କରାଚାର୍ଯ୍ୟ ହୋଇ ଆସୁଥିଲେ ତାଙ୍କରି ମାର୍ଗଦର୍ଶନରେ ଶ୍ରୀକ୍ଷେତ୍ର ପରିଚାଳନା ହେଉଥିଲା। ଶାସନତନ୍ତ୍ର ଓ ମୁକ୍ତିମଣ୍ଡପ ପଣ୍ଡିତସଭା ସମ୍ପ୍ରତି ଦିଶାହୀନ ହୋଇପଡିଛି। ଯେପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ନୀତିନିୟମ ବ୍ୟବସ୍ଥିତ ନହୋଇଛି ସେପର୍ଯ୍ୟନ୍ତ ଅରାଜକତା ଲାଗି ରହିବ ବୋଲି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ସମ୍ପ୍ରତି ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ସଂସ୍କାରକୁ ନେଇ ଚାଲିଥିବା ମାମଲାରେ ଜଗଦ୍‌ଗୁରୁ ପକ୍ଷଭୁକ୍ତ ହେବା ପରେ କୋର୍ଟ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ଶଙ୍କରାଚାର୍ଯ୍ୟଙ୍କୁ ଦେବାରେ ଅସୁବିଧା କେଉଁଠି ରହିଛି ବୋଲି ପ୍ରଶ୍ନ କରିଥିଲେ। ଗୋବର୍ଦ୍ଧନ ପୀଠରେ ଏକ ସାମ୍ବାଦିକ ସମ୍ମିଳନୀରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଗଣମାଧ୍ୟମକୁ କହିଥିଲେ ଯେ ଅତୀତରେ ଶ୍ରୀମନ୍ଦିର ପରିଚାଳନା ବ୍ୟବସ୍ଥାରେ ଶଙ୍କରାଚାର୍ଯ୍ୟ ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ଧର୍ମଶାସ୍ତ୍ର ବ୍ୟବସ୍ଥାନୁଯାୟୀ ଧର୍ମଗୁରୁମାନେ ହିଁ ଧର୍ମାନୁଷ୍ଠାନର ପରିଚାଳନା କରିବା ବିଧେୟ। ସରକାର ଓ ପ୍ରଶାସନ କେବଳ ସହଯୋଗ କରିବା ଉଚିତ। ଜଗଦ୍‌ଗୁରୁ ଧର୍ମାନୁଷ୍ଠାନରେ ସରକାରୀ କଳର ଅପବ୍ୟବହାର ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଶ୍ରୀମନ୍ଦିର ପରିଚାଳନା କରାଗଲେ ଶ୍ରୀମନ୍ଦିର ସଂସ୍କାର କାର୍ଯ୍ୟ ଅଧିକ ସଫଳ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଶ୍ରୀମନ୍ଦିର ପ୍ରଶାସକମାନେ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ନ ବୁଝି ଧର୍ମାନୁଷ୍ଠାନରେ ଅଯଥା ହସ୍ତକ୍ଷେପ କରୁଛନ୍ତି ବୋଲି ଜଗଦ୍‌ଗୁରୁ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ଶାସ୍ତ୍ର ସମ୍ମତ ପରମ୍ପରା ବଦଳରେ ଅନ୍ଧ ପରମ୍ପରା ମତେ ମନ୍ଦିରର ସେବା କାର୍ଯ୍ୟ ଚାଲିଛି। ସବୁଠାରୁ ବଡ଼ ମହତ୍ତ୍ୱ ରଖୁଥିବା ରଥଯାତ୍ରା ସାମ୍ବିଧାନିକ ପରମ୍ପରା ମତେ ହେଉନାହିଁ। ପ୍ରାୟ ୭୦ବର୍ଷ ପୂର୍ବେ ସୁପ୍ରିମକୋର୍ଟ ଏକ ରାୟରେ ଉଲ୍ଲେଖ କରିଥିଲେ ଯେ ଯେଉଁ ଚାରିଧାମରେ ଯେଉଁ ଶଙ୍କରାଚାର୍ଯ୍ୟ ପୀଠମାନ ରହିଛି ତାହା ଦିଶାହୀନ ନୁହେଁ। ଏହି ୪ଟି ଯାକ ପୀଠ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ନିର୍ମିତ ସମ୍ବିଧାନ ଦ୍ୱାରା ଚାଲିବ। ସିକ୍ୟୁଲାର ସମ୍ବିଧାନ ଲାଗୁ ହେବ ନାହିଁ। ପୀଠକୁ ନେଇ ଯେଉଁ ନିର୍ଣ୍ଣୟ ସୁପ୍ରିମକୋର୍ଟ ଦେଇଥିଲେ ତାହା ଆପଣା ଛାଏଁ ଶ୍ରୀମନ୍ଦିର ପାଇଁ ଲାଗୁ ହେବା କଥା। ପ୍ରଶାସନିକ ଅଧିକାରୀମାନେ ସୁପ୍ରିମକୋର୍ଟଙ୍କ ରାୟକୁ ଖୋଜି ବାହାର କରିବା ଉଚିତ। ସମ୍ବିଧାନ ଯେପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ବ୍ୟବସ୍ଥିତ ନ ହୋଇଛି ସେ ପର୍ଯ୍ୟନ୍ତ ଅରାଜକତା ବ୍ୟାପି ଚାଲିଥିବ। ଧର୍ମଗୁରୁଙ୍କୁ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ପ୍ରଦାନ କରିବା ଆବଶ୍ୟକ। ଅନ୍ୟ କାହାରି ଏହି ଦାୟିତ୍ୱ ନେବାର ଅଧିକାର ନାହିଁ। ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପବିତ୍ର ସଂସ୍ଥାନର ସଞ୍ଚାଳନ ହେବା ଆବଶ୍ୟକ। ସେବାୟତଙ୍କୁ ଠିକ୍ ଭାବେ ସେବାପ୍ରାପ୍ତ ହେବା ଆବଶ୍ୟକ। ସରକାରଙ୍କ ଅଧିକାରର ପ୍ରଶ୍ନ ହିଁ ଉଠୁନାହିଁ। ଆଧ୍ୟାତ୍ମିକ କ୍ଷେତ୍ରରେ ମାର୍ଗଦର୍ଶନ ସରକାରଙ୍କ ଦାୟିତ୍ୱ ନୁହେଁ। ସରକାରୀ ଅଧିକାରୀଙ୍କୁ ପ୍ରବନ୍ଧକ କୁହାଯାଇପାରେ। ମହାପ୍ରଶାସକ ବା ମୁଖ୍ୟ ପ୍ରଶାସକ ଶବ୍ଦ ଆସିଲା କୁଆଡୁ ବୋଲି ଜଗଦ୍‌ଗୁରୁ ପ୍ରଶ୍ନ କରିଥିଲେ।

## ୧୦ ବରିଷ୍ଠ ନେତାଙ୍କୁ ବିଜେପିର ନୂଆ ଦାୟିତ୍ୱ

# ଶଙ୍କର୍ଷଣ ରାଜ୍ୟ ଉପସଭାପତି ଓ ପ୍ରଶାନ୍ତ ଆଦିତ୍ୟ ରାଜ୍ୟ ସମ୍ପାଦକ



**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପୂର୍ବରୁ ସାଂଗଠନିକ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ବିଜେପି ପକ୍ଷରୁ ନୂଆ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସଭାପତି ବସନ୍ତ ପଣ୍ଡା। ସାଂଗଠନିକ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବାକୁ ଭୂବନ ମୋହନ ଜେନା ଓ କବି ଶଙ୍କର୍ଷଣ ପରିଡାଙ୍କୁ ରାଜ୍ୟ ଉପସଭାପତି, ଚଣ୍ଡି ପ୍ରସାଦ ସିଂ ଓ ବାଲିପାଟଣାର ଟାଣୁଆ ନେତା ପ୍ରଶାନ୍ତ ଆଦିତ୍ୟ ପାତ୍ର ଏବଂ ସତ୍ୟ ଜେନାଙ୍କୁ ରାଜ୍ୟ ସମ୍ପାଦକ, ଶୁଭଙ୍କର ମହାପାତ୍ରଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବାଲେଶ୍ୱର ସଂସଦୀୟ କ୍ଷେତ୍ରର ନିର୍ବାଚନ ପ୍ରଚାର କମିଟିର ଅଧ୍ୟକ୍ଷ, ଦୀନବନ୍ଧୁ ପତିଙ୍କୁ ରାଜ୍ୟ ପ୍ରବକ୍ତା, ସୁନନ୍ଦା ଶତପଥୀଙ୍କୁ ମହିଳା ମୋର୍ଚ୍ଚାର ରାଜ୍ୟ ଉପ ସଭାନେତ୍ରୀ, ସୁରଜ ପାଇକରାୟଙ୍କୁ ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଏବଂ କମଳେନ୍ଦୁଲାଲ୍ ମହାନ୍ତଙ୍କୁ ଓବିସି ମୋର୍ଚ୍ଚା ରାଜ୍ୟ ଉପ ସଭାପତି ଭାବେ ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ଦାୟୀତ୍ୱ ଦେଇଛନ୍ତି ବୋଲି ଏକ ପ୍ରେସ ବିବୃତିରେ ରାଜ୍ୟ ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ବାରିପଦାରେ ନିର୍ବାଚନୀ ଦୃଶ୍ୟପଟ୍ଟ



ବାରିପଦା : ୨୦୧୯ ସାଧାରଣ ନିର୍ବାଚନ ପାଇଁ ସମଗ୍ର ରାଜ୍ୟରେ ନାମାଙ୍କନ ପତ୍ର ଦାଖଲ ସରିବା ପରେ ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ଲୋକସଭା ଆସନ ଓ ବିଧାନସଭା ଆସନ ପାଇଁ ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ଏହି ଅବସରରେ ବାରିପଦାରେ ନିର୍ବାଚନୀ ମାହୋଲ ପରିବେଶକୁ ସରଗରମ କରିଛି। ପ୍ରାର୍ଥୀମାନେ ଦଳୀୟ କର୍ମୀମାନଙ୍କୁ ଧରି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି।






## ଭୁବନେଶ୍ୱର ମଧ୍ୟମ ନିର୍ବାଚନ ମଣ୍ଡଳୀରେ ପ୍ରଚାର ସରଗରମ

# ଘରକୁ ଘର ବୁଲି ଭୋଟ ଭିକ୍ଷା କଲେ ଅନନ୍ତ



**ଭୁବନେଶ୍ୱର :** ଦିନବେଳା ପ୍ରଚଣ୍ଡ ଖରା। ଗ୍ରୀଷ୍ମ ତାତି ସାଙ୍ଗକୁ ନିର୍ବାଚନୀ ତାତି ରାଜଧାନୀକୁ ଉଷ୍ମ କରିଛି। ତାରି ଭିତରେ ଭୋଟରଙ୍କ ନିକଟରେ ପହଞ୍ଚୁଛନ୍ତି ପ୍ରାର୍ଥୀ। ସଭା, ଶୋଭାଯାତ୍ରା, ଶକ୍ତି ପ୍ରଦର୍ଶନ ମାଧ୍ୟମରେ ସରଗରମ ହୋଇଉଠିଛି ମଧ୍ୟମ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ରାଜନୀତି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ପ୍ରାର୍ଥୀ ଲାଗି ପଡିଛନ୍ତି। ଏହି ନିର୍ବାଚନ ମଣ୍ଡଳୀ ଅଧିନରେ ଆସୁଥିବା ୱାର୍ଡ ଗୁଡିକରେ ପହଞ୍ଚି ପ୍ରାର୍ଥୀ ଭୋଟ ଭିକ୍ଷା କରୁଛନ୍ତି। ସୂଚନାଯୋଗ୍ୟ, ୨୦୦୯ ଓ ୨୦୧୪ରେ ବିଜେଡି ସପକ୍ଷରେ ଯାଇଥିଲା ଏହି ନିର୍ବାଚନ ମଣ୍ଡଳୀର ଭୋଟ। ବର୍ତ୍ତମାନ ଏଠାରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚନ ଲଢୁଛନ୍ତି ବିଜେଡିର ଅନନ୍ତ ନାରାୟଣ ଜେନା ଓ ବିଜେପିର ଜଗନ୍ନାଥ ପ୍ରଧାନ। ଅନନ୍ତ ଭୁବନେଶ୍ୱରର ମେୟର ଥିଲେ। ତାଙ୍କ ସମୟରେ ଭୁବନେଶ୍ୱର ସହରର ଯେଭଳି ବିକାଶ ହୋଇଛି ସେକଥା ସେ ଭୋଟର ମାନଙ୍କୁ ଅବଗତ କରାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ସମ୍ପର୍କରେ ବଖାଣୁଛନ୍ତି। ଯଦିଓ ଅନନ୍ତ ପ୍ରଥମଥର ପାଇଁ ଏହି ନିର୍ବାଚନ ମଣ୍ଡଳୀରୁ ବିଧାନସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି ତଥାପି ଦୀର୍ଘବର୍ଷ ଧରି ଭୁବନେଶ୍ୱର ରାଜନୀତି ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ଥିବାରୁ ପ୍ରତ୍ୟେକ ୱାର୍ଡର ଭଲମନ୍ଦ ଜାଣିଛନ୍ତି। ସେ ମେୟର ଥିବା ସମୟରେ ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ୱାର୍ଡ ଗୁଡିକରେ ଯେଉଁଭଳି ବିକାଶମୂଳକ କାର୍ଯ୍ୟ ଏବଂ ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ଉଦ୍ୟମ କରାଯାଇଥିଲା ତାହାର ଉଦାହରଣ ମଧ୍ୟ ରଖୁଛନ୍ତି। ପ୍ରଚାର ବେଳେ ବିଜେଡି କର୍ମୀମାନଙ୍କ ସହିତ ବହୁ ପୂର୍ବତନ କର୍ପୋରେଟର ମଧ୍ୟ ତାଙ୍କ ସହ ଯୋଡି ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବା ତାଙ୍କ ପାଇଁ ସମ୍ମାନର କଥା ବୋଲି କହିଛନ୍ତି ଶ୍ରୀ ଜେନା। ନିର୍ବାଚନ ଦିନ ପାଖେଇ ଆସୁଥିଲା ବେଳେ ଅନନ୍ତ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ସାଧାରଣ ଭୋଟରଙ୍କ ନିକଟତର ହେବା ପାଇଁ ସେ ଅକ୍ଳାନ୍ତ ପରିଶ୍ରମ ଚଳାଇଛନ୍ତି। ବିଶେଷ ଭାବେ ମଧ୍ୟମ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସବୁ ବସ୍ତିରେ ପହଞ୍ଚି ଲୋକଙ୍କ ସୁଖ ଦୁଃଖ ବୁଝିବା ସହିତ ଆଗାମୀ ଦିନରେ ତାଙ୍କ ପାଇଁ ବିଜେଡି ସରକାର ଅଧିକ ସୁବିଧା ସୁଯୋଗ ଯୋଗାଇ ଦେବା କଥା କହୁଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ସମସ୍ତ ଲୋକଙ୍କ ପାଖରେ ପହଞ୍ଚିବାକୁ ସେ ଦିନ ରାତି ଏକ କରିଦେଇଛନ୍ତି। ପ୍ରଚାର ଅଭିଯାନକୁ ଜୋରଦାର କରି ଅନନ୍ତ ସାଧାରଣ ଭୋଟରଙ୍କ ନିକଟରେ ପହଞ୍ଚି ଭୋଟ ଭିକ୍ଷା କରୁଛନ୍ତି। ଅନ୍ୟ ସବୁ ଦଳର ପ୍ରାର୍ଥୀମାନେ ଏଠାରେ ଭୋଟ ପ୍ରଚାରକୁ ଜୋରଦାର କରିଥିଲା ବେଳେ ଯାହା ଜଣାପଡିଛି ଅନନ୍ତଙ୍କ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ଓ ଭରସା ରହିଛି।


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455


MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି